ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.291 Bhubaneswar Sunday January 07 2024 | ୨୬ତମ ବର୍ଷ ସଂଖ୍ୟା–୨୯୧ ଭୁବନେଶ୍ୱର, ରବିବାର, ଜାନୁଆରୀ ୦୭, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

# ଓଡ଼ିଶାରେ କଂଗ୍ରେସର ସମ୍ଭାବନା ଉଜ୍ଜ୍ୱଳ: ଡ. ଅଜୟ କୁମାର

## ନବନିଯୁକ୍ତ ଓଡ଼ିଶା ପ୍ରଭାରୀଙ୍କୁ ପିସିସି ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା



ଭୁବନେଶ୍ୱର,୬।୧(ପି.ଏନ): ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସର ନବନିଯୁକ୍ତ ପ୍ରଭାରୀ, ପୂର୍ବତନ ସାଂସଦ ତଥା ଝାଡଖଣ୍ଡର ପୂର୍ବତନ ପିସିସି ସଭାପତି ଡ. ଅଜୟ କୁମାରଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ବିମାନବନ୍ଦର ଠାରେ ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ଶ୍ରୀ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ବାଦ୍ୟ, ନୃତ୍ୟ ମାଧ୍ୟମରେ ବିମାନ ବନ୍ଦରଠାରେ ସ୍ୱାଗତ କରାଯାଇଥିଲା। କଟକ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ମାନସ ଚୌଧୁରୀଙ୍କ ସଂଯୋଜନାରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଓ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରାରେ ବିମାନ ବନ୍ଦର ଠାରୁ ଡ. କୁମାରଙ୍କୁ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ପର୍ଯ୍ୟନ୍ତ ନିଆଯାଇଥିଲା ଏବଂ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ସଭାପତି ଶ୍ରୀ ବିଶ୍ୱଜିତ ଦାଶ ଓ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ ଶିଶୁଭବନ ଛକ, ରାଜମହଲ ଛକ ଠାରେ ଡ. ଅଜୟ କୁମାରଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ ସେବାଦଳ ପକ୍ଷରୁ ସେବାଦଳ ଅଧ୍ୟକ୍ଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏବଂ ସେବାଦଳ କର୍ମୀମାନେ ଡ. କୁମାରଙ୍କୁ ଗାର୍ଡଅଫ ଅନର ପ୍ରଦାନ କରାଯାଇଥିଲା। ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ କମିଟି ଓ କର୍ମକର୍ତା ବୈଠକରେ ଉଦବୋଧନ ଦେଇ ପ୍ରଭାରୀ ଡ. ଅଜୟ କୁମାର କହିଥିଲେ ଯେ ଅଗାମୀ ୨୦୨୪ ସାଧାରଣ ନିର୍ବଚନରେ କଂଗ୍ରେସ ବିଜୟର ଯଥେଷ୍ଟ ସମ୍ଭାବନା ରହିଛି। ଓଡ଼ିଶାରେ କଂଗ୍ରେସ ଆଜି ଯେଉଁ ସ୍ଥିତିରେ ଅଛି ତେଲେଙ୍ଗାନାରେ ମଧ୍ୟ ସମାନ ସ୍ଥିତିରେ ଥିଲା। କଂଗ୍ରେସ କର୍ମୀ ଓ ନେତୃବର୍ଗ ସଂକଳ୍ପ ନେଇ ସେଠାରେ ଯଦି କଂଗ୍ରେସକୁ ପୁନଃ କ୍ଷମତାସୀନ କରିପାରିଲେ ଓଡ଼ିଶାରେ ତାହା ନିଶ୍ଚୟ ହୋଇପାରିବ। ସେ ତାଙ୍କ ଅଭିଭାଷଣରେ ଦଳୀୟ ଶୃଙ୍ଖଳାକୁ ଅଧିକ ଗୁରୁତ୍ୱ ଦେଇଥିଲେ। ତେଲେଙ୍ଗାନା ନିର୍ବାଚନୀ ସଫଳତାରେ ସାମାଜିକ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଓଡ଼ିଶା କଂଗ୍ରେସରେ ସାମାଜିକ ଗଣମାଧ୍ୟମକୁ ଅଧିକ କ୍ରିୟାଶୀଳ କରବାକୁ ସେ ପରାମର୍ଶ ଦେଇଥିଲେ। କଂଗ୍ରେସ ପକ୍ଷରୁ ହ୍ୱଦେଶପାଇଁ ଦାନନ୍ତ ଅଭିଯାନରେ ବ୍ୟାପକ ଭାବରେ ଲୋକମାନଙ୍କୁ ସାମିଲ କରିବାପାଇଁ ସେ କହିଥିଲେ। ଯେଉଁମାନେ କଂଗ୍ରେସ ଦଳ ଛାଡ଼ି ଯାଇଛନ୍ତି ସେମାନେ ଫେରିଆସିବାପାଇଁ ଡ. କୁମାର ଆହ୍ୱାନ ଦେଇଥିଲେ। ସେ ଦୃଢ଼ ଭାବରେ କହିଥିଲେ ଯେ ଓଡ଼ିଶା ଓଡ଼ିଆମାନଙ୍କ ପାଇଁ। ଏହି ପ୍ରସଙ୍ଗରେ କୌଣସି ପ୍ରକାର ବ୍ୟତିକ୍ରମକୁ ବରଦାସ୍ତ କରାଯିବା ଉଚିତ ନୁହେଁ। ପିସିସି ସଭାପତି ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରି କହିଲେଯେ ଦୀର୍ଘବର୍ଷ ଧରି କଂଗ୍ରେସ ଶାସନରେ ନଥିଲେ ମଧ୍ୟ ଆପଣମାନେ ତୃଣମୂଳସ୍ତରରେ ପାହାଡ଼ ଭଳି ଦୃଢ଼ ଭାବରେ ଛିଡାହୋଇଥିବାରୁ ହିଁ କଂଗ୍ରେସ ତିଷ୍ଠି ରହିଛି। ପ୍ରଦେଶ କଂଗ୍ରେସ ପକ୍ଷରୁ ନିକଟରେ ଆୟୋଜିତ ତୁଳସୀ ଯାତ୍ରା, ସଂକୀର୍ତନ ସତ୍ୟାଗ୍ରହ, କଳିଙ୍ଗନଗର ଆଦିବାସୀ ଗଣହତ୍ୟାର ପ୍ରତିବାଦରେ ମହମତୀ ଶୋଭାଯାତ୍ରା ଓ ରାଜ୍ୟବ୍ୟାପୀ ଶ୍ରଦ୍ଧାଳୀ ସମାରୋହ ଭାରତଯୋଡ଼ ଓଡ଼ିଶା ପରିବର୍ତନ ଯାତ୍ରା, ହାତସେ ହାତ ଯୋଡ଼ ଯାତ୍ରା, ରାଜ୍ୟବ୍ୟାପି ଜନସମ୍ପର୍କ ପଦଯାତ୍ରା, ଦରଦାମ ବୃଦ୍ଧି ପ୍ରତିବାଦରେ ବ୍ଲକ ଘେରାଉ କାର୍ଯ୍ୟକ୍ରମ ଇତ୍ୟାଦିର ଅଭୁତପୂର୍ବ ସଫଳତା କଂଗ୍ରେସ ନେତୃବୃନ୍ଦ, କର୍ମୀ ଓ ସାଧାରଣ ଜନତାଙ୍କ ସହଯୋଗରେ ସମ୍ଭବ ହୋଇପାରିଛି। ଆଗାମୀ ଦିନରେ ଡ. ଅଜୟ କୁମାରଙ୍କ ଦିଗଦର୍ଶନରେ ଏହି ୨୪ ବର୍ଷର ଭ୍ରଷ୍ଟାଚାରୀ ବିଜେଡ଼ି ସରକାରକୁ ହଟାଇବାକୁ ସମସ୍ତେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ବୈଠକ ପ୍ରାରମ୍ଭରେ ପରଲୋକ ଗମନ କରିଥିବା ପୂର୍ବତନ ବିଧାୟକ ସନ୍ତୋଷ ପ୍ରଧାନ, ରମେଶ ଜେନା, ରବିନ୍ଦ୍ର କୁମାର ଦାସ, ସତ୍ୟବାଦୀ ସ୍ୱାଇଁ, ପ୍ରମିଳା ଆଚାର୍ଯ୍ୟ ପ୍ରମୁଖଙ୍କ ବିୟୋଗରେ ପିସିସି ବରିଷ୍ଠ ଉପସଭାପତି ଶ୍ରୀ ଶିବାନନ୍ଦ ରାୟ ପ୍ରସ୍ତାବ ଆଗତ କରିଥିଲେ ଏବଂ ଦିବଗଂତ ଆତ୍ମାର ସଦଗତି କାମନା ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା।

ବୈଠକରେ ରାଜନୈତିକ ପ୍ରସ୍ତାବ ଶ୍ରୀ ସୁରେଶ ମହାପାତ୍ର ଆଗତ କରିଥିବା ବେଳେ କିଶୋର ଜେନା ସମର୍ଥନ କରିଥିଲେ। ଅର୍ଥନୈତିକ ପ୍ରସ୍ତାବ ପଂଚାନନ କାନୁନଗୋ ଆଗତ କରିଥିବା ବେଳେ ଅନନ୍ତ ପ୍ରସାଦ ସେଠୀ ସମର୍ଥନ କରିଥିଲେ। ସେହିଭଳି ବିଜେପି ଓ ବିଜେଡ଼ି ସରକାରଙ୍କ ଦୁର୍ନୀତି ଓ ବିଫଳତା ପ୍ରସ୍ତାବ ସୁଶିଳା ତିରିଆ ଆଗତ କରିଥିବା ବେଳେ ମନଜା ମରୀ ଦେବୀ ସମର୍ଥନ କରିଥିଲେ। ଶେଷରେ ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଶ୍ରୀ ଗଣେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର କାର୍ଯ୍ୟକାରିଣୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ସର୍ବଶ୍ରୀ ନିରନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବିଜୟ ପଟ୍ଟନାୟକ, ରାମଚନ୍ଦ୍ର ଖୁଂଟିଆ, ସପ୍ତଗିରି ଉଲ୍ଲାକା, ଶରତ ରାଉତ, ସୁଶ୍ରୀ ସୁଶିଳା ତିରିଆ, ତାରାପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ରମେଶ ଜେନା, ଡଃ ଦେବାଶିଷ ପଟ୍ଟନାୟକ, ଦାସରଥି ଗମାଙ୍ଗୋ, ଅଧିରାଜ ପାଣିଗ୍ରାହୀ, କିଶୋର ପଟେଲ, ଅନନ୍ତ ପ୍ରସାଦ ସେଠୀ, ରାଜନ ଏକା, ସୁରେନ୍ଦ୍ର ସିଂ ଭୋଇ, ବିଶ୍ୱ ରନ ମହାନ୍ତି, ବିଜୟଲକ୍ଷ୍ମୀ ସାହୁ, ଭୁଜବଳ ମାଝୀ, ସର୍ଶ୍ମିତା ବେହେରା, ଜାନକୀ ବଲ୍ଲଭ ପଟ୍ଟନାୟକ, ଶୁଭେନ୍ଦୁ ମହାନ୍ତି, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ସୁଚରୀତା ମହାନ୍ତି, ରଶ୍ମି ମହାପାତ୍ର, ବେଣୁଧର ପାତ୍ର, କୁମାର ଚିରୀବ, ରତ୍ନମଣୀ ଉଲ୍କା, ଲିଙ୍ଗରାଜ ଚୌଧୁରୀ, ରାଜକିଶୋର ଷଡଙ୍ଗୀ, ହିମାଂସୁ ଦାସ, ସନତ ଦାସ, ଅମ୍ବିକା ଭଟ୍ଟ, ନକୁଳ ନାୟକ, ହେମନ୍ତ ଦାସ, ଜୟଦେବ ନାୟକ, ବାଙ୍କନିଧି ବେହେରା, ସୁବ୍ରତ ମହାପାତ୍ର, ଅମୀୟ ପଟ୍ଟନାୟକ, ରାଜକିଶୋର ସାହୁ, ବିସ୍ମୟ ମହାପାତ୍ର, ପ୍ରକାଶ ମିଶ୍ର, ମନୋଜ ବିଶ୍ୱାଳ, ତରୁଣ ମିଶ୍ର, ମିନାକ୍ଷୀ ବାହିନୀପତି, ରଶ୍ମି ମହାପାତ୍ର, ଜ୍ଞାନ ପଟ୍ଟନାୟକ, ବିଧୁଭୂଷଣ ତ୍ରିପାଠୀ, ଲଲାଟେନ୍ଦୁ ଦାସ, ଶ୍ରିନିବାସ ରାଉତରାୟ, ମଧୁସ୍ମିତା ଆଚାର୍ଯ୍ୟ, ମହମ୍ମଦ ଗୁଲଫାମ, ନିହାର ବେହେରା, ନିରୁପମା ପାତ୍ର, ସରସ୍ୱତୀ ହେମ୍ବ୍ରମ, ବିଶ୍ୱଭୂଷଣ ଦାସ, ରବିନ୍ଦ୍ର ମଲ୍ଲିକ, ପଦ୍ମାକର ଗୁରୁ, ମଧୁସ୍ମିତା ସେଠୀ, ଚିନ୍ମୟ ସୁନ୍ଦର ଦାସ, ହରଦ୍ୱୀପ ସିଂ, ଦୁର୍ଗାପ୍ରସାଦ ପଣ୍ଡା, ଶଶିକାନ୍ତ ଲେଙ୍କା, ନିପନ ଦାସ, ନାରାୟଣ ଜେନା (ପେନମ୍ୟାନ) ଅମିତା ବିଶ୍ୱାଳ, ମୁଣ୍ଡ୍ରୀ କଜ୍ଜନା ରାଉତରାୟ, ସାନ୍ତାୟନ ମିଶ୍ର, ସଂଗ୍ରାମ ଦାସ, ସୀମାଚଂଳଗିରି ଉଲ୍ଲାକା, ନିରୁପମା ଦାସ, କୁସୁମ ପ୍ରଧାନ, ଶ୍ରୀୟା ମହାନ୍ତି, ଅଜିତ ଜେନା, ବିଳାସିନୀ ନାୟକ, ଦେଓ ପ୍ରସାଦ, ସୁଶାନ୍ତ ବେହେରା, କୈଳାସ ସାହୁ, ତୁଳେଶ୍ୱର ନାୟକ, ଶିଳ୍ପଶ୍ରୀ ହରିଚନ୍ଦନ, ବୁଲ୍‌କି ସେଠ, ଜୟକୃଷ୍ଣ ମଲ୍ଲିଆ, ଜୟଶ୍ରୀ ପାତ୍ର, ହାରାବତି ଗଣ୍ଡ, ପୁଷ୍ପିତା ଦାସ, ଦୀପକ କୁମାର ସାହୁ, ମିତ୍ରଭାନୁ ମହାପାତ୍ର, ରିତା ହେମ୍ବ୍ରମ୍, ସୁକାନ୍ତ ଦିଗଲ, ଆକବର ଖାଁ ପ୍ରମୁଖ ଯୋଗଦେଇଥିଲେ।

# ଜାନୁଆରୀ ୧୭ରେ ଲୋକାର୍ପିତ ହେବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ



ପୁରୀ,୬।୧(ପି.ଏନ): ଆଜିଠାରୁ ରାଜ୍ୟବ୍ୟାପି ଶ୍ରୀ ଜଗନ୍ନାଥ ରଥ ପରିକ୍ରମା ହେବ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ପଞ୍ଚାୟତ ରାଜ ବିଭାଗ ପକ୍ଷରୁ ଯାତ୍ରୀ ପରିକ୍ରମା ପ୍ରକଳ୍ପକୁ ଭବ୍ୟ ଓ ଆଧ୍ୟାତ୍ମିକ କରିବା ପାଇଁ ଏହି ପରିକ୍ରମା କରାଯିବ । ଜାନୁଆରୀ ୧୭ରେ ଲୋକାର୍ପିତ ହେବାକୁ ଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ୧୨ ତାରିଖରୁ ଯଜ୍ଞ କାର୍ଯ୍ୟ ଆରମ୍ଭ ହେବ ।ସୂଚନାରୁ ପ୍ରକାଶ ଶ୍ରୀ ଜଗନ୍ନାଥ ରଥ ରାଜ୍ୟର ସମସ୍ତ ପଂଚାୟତ, ବିଜ୍ଞାପିତ ଅଂଚଳ ପରିଷଦ ଓ ଗାଁ ପରିକ୍ରମା କରିବା ସହ ଘରୁ ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିବ । ତେବେ ଶନିବାର ଏହି ରଥ ପୁରୀ ସଦର ବ୍ଲକ ୨୫ ନମ୍ବର ଜୋନ ଅନ୍ତର୍ଗତ ତଳଜଙ୍ଗ ଓ ମାଳତୀପାଟପୁର, ୨୬ ନମ୍ବର ଜୋନ ଅନ୍ତର୍ଗତ ଗୋପୀନାଥପୁର ଓ କାଶୀହରିପୁର ଏବଂ ୨୭ ନମ୍ବର ଜୋନ ଅନ୍ତର୍ଗତ ବାଲିପୁଟ ଓ ରାଏଗୋରଡା ପଂଚାୟତରେ ପରିକ୍ରମା କରିବ । ପିଇଓ ଓ ଜିଆର୍‌ଏସମାନେ ପଂଚାୟତରେ ନୋଡାଲ ଅଧିକାରୀ ଭାବେ ଏହି ଦାୟିତ୍ୱ ନିର୍ବାହ କରିବେ ।

# ନୂଆଗାଁ ରୋଡ୍ -ଦଶପଲ୍ଲା ରେଳସେକ୍ସନକୁ ଉଦ୍‌ଘାଟନ କରିବା ସହ ଦଶପଲ୍ଲାକୁ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କଲେ ରେଳମନ୍ତ୍ରୀ



ଭୁବନେଶ୍ୱର,୬।୧(ପି.ଏନ): ଦଶପଲ୍ଲା ରେଳ ଷ୍ଟେସନରେ ପ୍ରାୟ ୮ ହଜାର ଲୋକଙ୍କ ସମାଗମରେ ଆୟୋଜିତ କାର୍ଯ୍ୟକ୍ରମରେ ରେଳ, ଯୋଗାଯୋଗ ଓ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନବନିର୍ମିତ ନୂଆଗାଁ ରୋଡ୍ - ଦଶପଲ୍ଲା ରେଳ ସେକ୍ସନ, ଦଶପଲ୍ଲା ରେଳ ଷ୍ଟେସନ ବିଲ୍ଡିଂକୁ ଉଦ୍ ଘାଟନ କରିବା ସହ ଦଶପଲ୍ଲାକୁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ।ପତାକା ଉତ୍ତୋଳନ ପରେ ୪ଟି ପାସେଞ୍ଜର ଟ୍ରେନ୍, ୧୮୪୨୩/୧୮୪୨୪ ଭୁବନେଶ୍ୱର-ନୟାଗଡ଼ ଟାଉନ୍-ଭୁବନେଶ୍ୱର ଏକ୍ସପ୍ରେସ୍, ୦୮୪୨୯/୦୮୪୩୦ ଭୁବନେଶ୍ୱର-ନୂଆଗାଁ ରୋଡ୍-ଭୁବନେଶ୍ୱର ପାସେଞ୍ଜର ସ୍ୱ?ଶାଲ, ୦୮୪୨୩/୦୮୪୨୪ ପୁରୀ-ନୂଆଗାଁ ରୋଡ୍-ପୁରୀ ପାସେଞ୍ଜର ସ୍ୱ?ଶାଲ୍ ଏବଂ ୦୮୫୫୫/୦୮୫୫୬ ଉଦ୍ରକ-ନୟାଗଡ଼ ଟାଉନ୍-ଭଦ୍ରକ ମେମୁ ସେବା ଦଶପଲ୍ଲାକୁ ବୃଦ୍ଧି କରାଯାଇଛି । ଦଶପଲ୍ଲା ଗସ୍ତ ସମୟରେ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାନପଦରଠାରେ ୩୦୦ରୁ ଅଧିକ ଲୋକ ସ୍ୱାଗତ କରିବା ସହ ଯାତ୍ରୀ ହଲ୍ଟ ମଞ୍ଜୁର କରିଥିବାରୁ ଧନ୍ୟବାଦ ଜଣାଇଥିଲେ। ନୟାଗଡ଼ ଟାଉନ୍ ଓ ମହିପୁର ଷ୍ଟେସନରେ ପ୍ରାୟ ୫୦୦ ଲୋକ ଏକତ୍ରିତ ହୋଇ ରେଳମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଦୀର୍ଘ ଦିନ ଧରି ଚାଲିଆସୁଥିବା ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନ୍ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିଥିବାରୁ ଧନ୍ୟବାଦ ଜଣାଇଥିଲେ। ଏହି ଗସ୍ତ ଅବସରରେ ଶ୍ରୀ ବୈଷ୍ଣବ କହିଛନ୍ତି ଯେ କନ୍ଧମାଳ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ଫୁଲବାଣୀକୁ ରେଳ ମାନଚିତ୍ରରେ ଅନ୍ତର୍ଭୁକ୍ତ କରିବା ପାଇଁ ଗୋପାଳପୁର-ରେଢ଼ାଖୋଲ ନୂଆ ରେଳ ଲାଇନର ସମୀକ୍ଷା କରାଯିବ। କଣ୍ଟିଲୋ ଓ ଖଣ୍ଡପଡ଼ାକୁ ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନ୍ ପ୍ରକଳ୍ପ ସହ ସଂଯୋଗ କରିବାର ସମ୍ଭାବ୍ୟତା ଅନୁସନ୍ଧାନ କରାଯିବ ବୋଲି ମାନ୍ୟବର ରେଳମନ୍ତ୍ରୀ କହିଛନ୍ତି।

# ସଭାପତି ନକହିବା ପର୍ଯ୍ୟନ୍ତ ଆମ ଆନ୍ଦୋଳନ ଚାଲୁ ରହିବ: ଓଡିଶା ଡ୍ରାଇଭର ମହାସଙ୍ଘର ସଦସ୍ୟ

ଭୁବନେଶ୍ୱର,୬।୧(ପି.ଏନ): ସାରା ଦେଶରେ ଡ୍ରାଇଭର ଆନ୍‌ଦୋଳନକୁ ନେଇ ଚିନ୍ତାଜନକ ପରିସ୍ଥିତି ଲାଗିରହିଥିବା ବେଳେ ବର୍ତ୍ତମାନ ଏକ ବଡ ଖବର ସାମ୍ନାକୁ ଆସିଛି । ଓଡିଶାରେ ଏହି ଡ୍ରାଇଭର ଆନ୍‌ଦୋଳନ ସ୍ଥଗିତ ହୋଇଥିବା ନେଇ ଯେଉଁ ସୂଚନା ମିଳିଥିଲା ସେଥିରେ ଏକ ଟ୍ୱିଷ୍ଟ ଦେଖା ଦେଇଛି। ଆନ୍ଦୋଳନ ସ୍ଥଗିତ ହେବା ନେଇ ଖୋଦ ପରିବହନ କମିଶନର ଅମିତାଭ ଠାକୁର ସୂଚନା ଦେଇଥିଲେ ।ତେବେ ଗତ ୩ ଦିନ ଧରି ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିଅରି ଛାଡ ଆନ୍‌ଦୋଳନ ଚାଲିଥିବା ବେଳେ ରାଜ୍ୟରେ ପରିସ୍ଥିତି ଅସମ୍ଭାଳ ହେବାକୁ ଲାଗିଥିଲା। ଏପରି ସ୍ଥିତିରେ ଆଜି ପରିବହନ କମିଶନର ଅମିତାଭ ଠାକୁର ଡ୍ରାଇଭର ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚ଼ନା କରିଛନ୍ତି।

# ଗୁଜୁରାଟ ଗସ୍ତରେ କେନ୍ଦ୍ରମନ୍ତ୍ରୀ : ଗବେଷଣା, ଉଦ୍ଭାବନ, ଉଦ୍ୟମିତା ଏବଂ ଦକ୍ଷତା ଭିତ୍ତିକ ଶିକ୍ଷା ପ୍ରଦାନ ଆମ ପ୍ରାଥମିକତା : ଧର୍ମେନ୍ଦ୍ର ପ୍ରଧାନ

ଗୁଜୁରାଟ,୬।୧(ପି.ଏନ): ଆମର ପ୍ରତିଭାବାନ ଯୁବଶକ୍ତି ସମାଜ ପ୍ରତି ଥିବା ନିଜର ଦାୟିତ୍ୱ ନିର୍ବାହ କରିବା ଉଚିତ୍ । ଆଗାମୀ ଦିନରେ ଆମର ଯୁବବର୍ଗ ଅନେକ ଉଲ୍ଲେଖନୀୟ ସଫଳତାର କାହାଣୀ ରଚିବା ସହ ସମାଜର କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ ରହିବେ ବୋଲି ଗୁଜୁରାଟ ଗସ୍ତରେ ଦୁଇଟି ଶିକ୍ଷାନୁଷ୍ଠାନର ସମାବର୍ତ୍ତନ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଶ୍ରୀ ପ୍ରଧାନ ଶନିବାର ଗୁଜୁରାଟରେ ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି(ଚାରୁସାଟ୍)ର ୧୩ତମ ସମାବର୍ତ୍ତନ ସମାରୋହ ଏବଂ ଗାନ୍ଧୀନଗର ସ୍ଥିତ ନ୍ୟାସନାଲ ଫୋରେନସିକ ସାଇନ୍ସ ୟୁନିଭର୍ସିଟି (ଏନଏଫଏସୟୁ)ର ଦ୍ୱିତୀୟ ସମାବର୍ତ୍ତନ ସମାରୋହରେ ଯୋଗଦେଇଥିଲେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଅଧିକ ନିଯୁକ୍ତିଦାତା ସୃଷ୍ଟି କରିବା ପାଇଁ ଡିଗ୍ରୀ ଅପେକ୍ଷା ଦକ୍ଷତା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡିବ । ଗତ ୧୩ ବର୍ଷ ମଧ୍ୟରେ ଚାରୁସାଟ୍ ଶିକ୍ଷାଗତ ଉତ୍କର୍ଷତା ପ୍ରତି ନିଜର ଦକ୍ଷତା ଏବଂ ପ୍ରତିବଦ୍ଧତା ଦେଖାଇଆସିଛି । ଆନନ୍ଦ ଭଳି ଅଞ୍ଚଳକୁ ଜ୍ଞାନର କେନ୍ଦ୍ରରେ ପରିଣତ କରିବା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ଦିଗରେ ଉଲ୍ଲେଖନୀୟ ଅବଦାନ ଦେବା ପାଇଁ ଚାରୁସାଟକୁ ଦାୟିତ୍ୱ ନେବାକୁ ପଡିବ ।ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭିଜନରେ ଭାରତ ସମେତ ବିଶ୍ୱର ଆବଶ୍ୟକତାକୁ ପୂରଣ କରିବା ପାଇଁ ନୂଆ ଜାତୀୟ ଶିକ୍ଷା ନୀତି ପ୍ରଣୟନ କରାଯାଇଛି । ଆଜି ଆମ ସମସ୍ତଙ୍କ ସାମ୍ନାରେ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନର ନୂଆ ଦୁନିଆ ଛିଡା ହୋଇଛି ।

# ନବୀନ ନିବାସରେ ଅଧ୍ୟକ୍ଷ ନବୀନ ଓଡିଶା ତଥା ଅଧ୍ୟକ୍ଷ ୫ ଟି ଙ୍କୁ ଭେଟି ଅଭିନନ୍ଦନ ଜଣାଇଲେ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘ ର ନୂତନ କର୍ମକର୍ତ୍ତା



ଭୁବନେଶ୍ୱର ୬।୧(ପି.ଏନ): ଆଜି ଓଡିଶା ଆଦିବାସୀ କଲ୍ୟାଣ ମହାସଂଘ ର ରାଜ୍ୟ ସ୍ତରୀୟ ପ୍ରତିନିଧି ଦଳ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଙ୍କ ନେତୃତ୍ୱ ରେ ନବୀନ ନିବାସ ରେ ଅଧ୍ୟକ୍ଷ ନବୀନ ଓଡିଶା ତଥା ଅଧ୍ୟକ୍ଷ ୫ ଟି ଶ୍ରୀ ଭି.କେ ପାଣ୍ଡିଆନ ଙ୍କୁ ଭେଟି ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ଙ୍କୁ ଆଦିବାସୀ ବେସଭୁଷା ବାଦ୍ୟ ସହିତ ନୂତନ ବର୍ଷ ର ଅଭିନନ୍ଦନ ଜଣାଇବା ପରେ ଆଦିବାସୀ ମାନଙ୍କ ସମସ୍ୟା ବିଷୟରେ ଆଲୋଚ଼ନା କରିଥିଲେ କ୍ଷ ଓଡିଶା ର ଆଦିବାସୀ ମାନଙ୍କ ସମସ୍ୟା ସମ୍ବଳିତ ସ୍ମାରକପତ୍ର ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ଙ୍କୁ ପ୍ରଦାନ କରିଥିଲେ କ୍ଷ ପ୍ରମୁଖ ଦାବୀଗୁଡିକ ମଧ୍ୟରେ ସରକାର ଙ୍କ ତରଫରୁ ରାଜ୍ୟର ୧ କୋଟି ଆଦିବାସୀ ତଥା ବକ୍ଷଷଠି ପ୍ରକାର ଆଦିବାସୀ ସମ୍ପ୍ରଦାୟ ର ଲୋକଙ୍କ ସୁବିଧା ପାଇଁ ଭୁବନେଶ୍ୱର ରେ ରାଜ୍ୟ ଆଦିବାସୀ ଭବନ ନିର୍ମାଣ କରିବା ସହିତ ରାଜ୍ୟର ଆଦିବାସୀ ମାନଙ୍କ ସାମୁହିକ ସ୍ୱାର୍ଥ ସୁରକ୍ଷା ତଥା ବିକାଶ ବିଷୟରେ ଉପସ୍ଥାପନ କରିଥିଲେ କ୍ଷ ଅନୁସୂଚିତ ଅଞ୍ଚଳରେ ଆଦିବାସୀ ଜମି ବିକ୍ରି ବନ୍ଧକି ହସ୍ତାନ୍ତର ସମ୍ପର୍କିତ ଆଦିବାସୀ ପରାମର୍ଶଦାତା ପରିଷଦ ର ସୁପାରିଶ ଏବଂ କେବିନେଟ ଆଲୋଚ଼ନା କୁ ମୁଖ୍ୟମନ୍ତ୍ରୀ ପ୍ରତ୍ୟାହାର କରିଥିବାରୁ ଆଦିବାସୀ ମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ରାଜ୍ୟସ୍ତରୀୟ ଆଦିବାସୀ ପ୍ରତିନିଧି ଦଳ ରେ ସଭାପତି ବାଳକୃଷ୍ଣ ଶବର,ଉପସଭାପତି ରାଜୀବ ମଲ୍ଲିକ, ରାମ ଶବର,ପରମାନନ୍ଦ ମାଝୀ, ଚନ୍ଦ୍ରଶେଖର ବାଗ, ଭାନୁପ୍ରତାପ ସିଂ ମାଝୀ, ବାଳକୃଷ୍ଣ ମଲ୍ଲିକ,ଶ୍ୟାମସୁନ୍ଦର ଭୋଇ,ସାରଥୀ ବାଗ,ରାଜେନ୍ଦ୍ର ମଲ୍ଲିକ,ଶ୍ରୀମତୀ ସୁମନ୍ତୀ ମଲ୍ଲିକ, ଶ୍ରୀମତୀ କୁନ୍ତଳା ମଲ୍ଲିକ, କୁନି ମଲ୍ଲିକ, ସୁନାଲି ମଲ୍ଲିକ, ମିନି ମଲ୍ଲିକ, ରୁନୁ ମଲ୍ଲିକ, ହୁଂଜିଲା ମଲ୍ଲିକ, ତୁମ୍ପିଲା ମଲ୍ଲିକ, ପରମେଶ୍ୱର ଶବର,ଲମ୍ବୋଦର ସିଂ, ଚନ୍ଦ୍ରଶେଖର ବରିହା,ଚକ୍ର ଶେଖର ହେମ୍ବ୍ରମ , ଜୟଦେବ ମିଞ୍ଜ, ଯୁବରାଜ ଭୋଇ,ଯୋଗେନ୍ଦ୍ର ମିର୍ଦ୍ଧା,ଗୁପ୍ତ ?ଶ୍ୱର ମଲ୍ଲିକ, ନନ୍ଦନ ବାରିକ, ପକ୍ଷଳେଶ୍ୱର ଭୋଇ, ରାଜୀବ କୁମାର ମଲ୍ଲିକ,ଗୋପାଳ ପ୍ରଧାନ, ବିଦ୍ୟାଧର ଶବର,ଯଦୁମଣି ବରିହା, ରାଜେଶ ମଲ୍ଲିକ, ଗନ୍ଧର୍ବ ବରିହା, ଭୁବନେଶ୍ୱର ଧରୁଆ, ଅଚ୍ୟୁତ ଧରୁଆ,କୁଶ ବରିହା,ଈଶ୍ୱର ଚନ୍ଦ୍ର ନାଏକ, ଯୁବରାଜ ସିଙ୍ଗଭୋଇ,ପରମେଶ୍ୱର ଶବର ପ୍ରମୁଖ ସାମିଲ ଥିଲେ।

# ରାଜ୍ୟପାଳ ରଘୁବର ଦାସଙ୍କ ଦିନିକିଆ କେନ୍ଦ୍ରାପଡା ଗସ୍ତ : ଭିନ୍ନ ଭିନ୍ନ ଗୋଷ୍ଠିଙ୍କ ସହିତ ଦେଶର ବିକାଶ ନେଇ ଆଲୋଚନା



କେନ୍ଦ୍ରାପଡ଼ା,୬।୧(ପି.ଏନ): ଓଡିଶାର ରାଜ୍ୟପାଳ ରଘୁବର ଦାସ କଟକ-ଚାନ୍ଦବାଲି ରାସ୍ତାରେ କାର୍ ଯୋଗେ ଆସି କେନ୍ଦ୍ରାପଡା ସହରର ଇଚ୍ଛାପୁର ରଥଦାଣ୍ଡରେ ପୂର୍ବାହ୍ନ ୧୦.୩୦ ମିନିଟ୍‌ରେ ପହ୍ଁବା ପରେ କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ସହିତ ରାଜ୍ୟର ସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ। ପରେ ସେଠାରୁ ବାହାରି କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପାୟତର ଜଜାଙ୍ଗ ଅଙ୍ଗନୱାଡି କେନ୍ଦ୍ରରେ ପହ୍ଁ କୁନିକୁନି ପିଲା, ସେମାନଙ୍କ ଅଭିଭାବକ ଓ ଅଙ୍ଗନୱାଡି କର୍ମୀଙ୍କ ସହିତ ପୋଷଣ ସ୍କିମ୍ ସମ୍ପର୍କରେ ଆଲୋଚନା କରି କହିଥିଲେ ଯେ ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ। ଅଙ୍ଗନୱାଡି କେନ୍ଦ୍ର ସଂସ୍କାରର ମନ୍ଦିର । ଶିଶୁମାନଙ୍କ ସାମଗ୍ରୀକ ବିକାଶକୁ ପ୍ରାଧାନ୍ୟ ଦିଆଯିବା ଆବଶ୍ୟକ। ପରେ ଜଜାଙ୍ଗ ସ୍ଥିତ କାଇଁଚ ଶିଳ୍ପର ସଂକଳ୍ପ ପ୍ରକଳ୍ପରେ ପହ୍ଁ ସେଠାରେ ଗ୍ରାମୀଣ ଶିଳ୍ପୀମାନଙ୍କ ସହ ମତ ବିନିମୟ କରିବା ଅବସରରେ ଗ୍ରାମୀଣ କଳା ଓ କାରିଗରୀର ସମୃଦ୍ଧ ପରମ୍ପରାର ପରିପୁଷ୍ଟି ପାଇଁ କେନ୍ଦ୍ର ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି । ସମୟର ଆବଶ୍ୟକତା ଓ ବଜାରର ଚାହିଦା ମୁତାବକ ଉତ୍ପାଦ ସହ ବିଜ୍ଞାପନ ଓ ବିକ୍ରିବଟା କୌଶଳ ପ୍ରୟୋଗ କରିବା ଦରକାର । ଏହା ଗ୍ରାମୀଣ ଅର୍ଥନୀତିକୁ ସମୃଦ୍ଧ କରିବା ସହ ବିକଶିତ ଭାରତ ସଂକଳ୍ପକୁ ସାକାର କରିବ ବୋଲି ରାଜ୍ୟପାଳ ଶ୍ରୀ ଦାସ କେନ୍ଦ୍ର ସରକରଙ୍କ ପ୍ରକଳ୍ପ ପରିଦର୍ଶନ ସମୟରେ ମହିଳା କାଇଁଚ ଶିଳ୍ପ କାରିଗରଙ୍କ ସହ ବାର୍ତ୍ତାଳାପ ବେଳେ କହିଛନ୍ତି। ପରେ ସେଠାରୁ ସିଧା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କଷଣଅଣ୍ଡା ହାଇସ୍କୁଲରେ ପହ୍ଁ ଶିକ୍ଷା ହେଉଛି ସକଳ ପ୍ରଗତିର ମୂଳସୂତ୍ର । ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ଆଧାର। କଠିନ ପରିଶ୍ରମ କରି ସ୍ୱପ୍ନକୁ ସାକାର କରିବା ସହିତ ସମାଜକୁ ସକରାତ୍ମକ ଭାବରେ ପ୍ରଭାବିତ କରିବା ଦରକାର। କଦାପି ଲକ୍ଷ୍ୟପଥରୁ ବିଚ୍ୟୁତ ନହେବାକୁ ରାଜ୍ୟପାଳ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରି ଏହା ପ୍ରକାଶ କରିଥିଲେ। ଭାରତ ଏକ ଯୁବଦେଶ। ଯୁବଶକ୍ତି ଓ ସାମର୍ଥ୍ୟର ସଫଳ ଉପଯୋଗରେ ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପର ବିକଶିତ ଭାରତ ଗଠନ ହୋଇପାରିବ । ବର୍ତ୍ତମାନ ସମୟ ହେଉଛି ଦକ୍ଷତା ଓ ନବସୃଜନର ସମୟ । ନୂତନ ଶିକ୍ଷାନୀତିରେ ଧନ୍ଦାମୂଳକ ନୀତିରେ ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱାରୋପ କରାଯାଇଛି । ସମୟପଯୋଗୀ ହେବାକୁ ରାଜ୍ୟପାଳ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (ରାଜ୍ୟ ପ୍ଲମ୍ବିଂ ପ୍ରତିଷ୍ଠାନ) ପରିଦର୍ଶନ କରି ଶିକ୍ଷାର୍ଥୀମାନଙ୍କ ସହ ବାର୍ତ୍ତାଳାପ ଛଳରେ କହିଛନ୍ତି । କୃଷି, କୃଷକ ଓ ଗ୍ରାମର ସର୍ବାଙ୍ଗୀନ ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି । ଏହା ହେବ ବିକଶିତ ଓ ଆତ୍ମନିର୍ଭର ଭାରତର ଆଧାର। ଯୋଜନାର ସୁଯୋଗ ନେବା ସହିତ ସ୍ଥାନୀୟ ସ୍ତରରେ ପ୍ରୟାଶ ହେବା ଦରକାର । ଜୈବିକ କୃଷିକୁ ଆପଣାଇବାକୁ ରାଜ୍ୟପାଳ ଜିଲ୍ଲାର ପଟ୍ଟାମୁଣ୍ଡାଇସ୍ଥିତ ଅଡିଟୋରିଅମ୍‌ରେ କୃଷକମାନଙ୍କ ସହ ବାର୍ତ୍ତାଳାପରେ କହିଛନ୍ତି। ଲୋକମାନଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ଶୁଣିବା ସହିତ ବିହିତ ପଦକ୍ଷେପ ପାଇଁ ବ୍ୟବସ୍ଥା କରିବେ ବୋଲି ରାଜ୍ୟପାଳ କହିଛନ୍ତି। ପରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗାଙ୍ଗପଡା ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ କେତେକ ଗୃହ ପରିଦର୍ଶନ କରିବା ସହିତ ହିତାଧିକାରୀମାନଙ୍କ ସହିତ ମତ ବିନିମୟ କରିଥିଲେ। ସେଠାରୁ ଫେରି ଜଜାଙ୍ଗସ୍ଥିତ ପ୍ରଦକ୍ଷଣ ଭବନରେ ମଧ୍ୟାହ୍ନ ଭୋଜନ କରିଥିଲେ । ସେଠାରେ ରାଜ୍ୟପାଳଙ୍କୁ ଜିଲ୍ଲା ପୋଲିସ ପକ୍ଷରୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା। ଉତ୍ତମ ସ୍ୱାସ୍ଥ୍ୟ ବିକଶିତ ଦେଶର ମାନଙ୍କ । ଗ୍ରାମାଳରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ପହ୍ଁବା ଦରକାର । ପୌଷ୍ଟିକ ବିକାଶ ସହ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକୁ ପ୍ରାଧାନ୍ୟ ଦିଆଯିବା ଆବଶ୍ୟକ । ସେବା ଧର୍ମକୁ ନିଷ୍ଠା ଓ ଆନ୍ତରିକତା ସହିତ ପାଳନ କରିବାକୁ ରାଜ୍ୟପାଳ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଡାକ୍ତର, ସେବିକା ଓ ଆଶାକର୍ମୀଙ୍କ ସହ ଆଲୋଚନା କରି କହିଛନ୍ତି। ମହିଳା ସଶକ୍ତିକରଣ ବିନା ଆତ୍ମନିର୍ଭର ଭାରତ ସମ୍ଭବ ନୁହେଁ । ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ମହିଳା ସଶକ୍ତିକରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇଛି। ବଜାର ଚାହିଦା ମୁତାବକ ଉତ୍ପାଦ ସହ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେବା ଦରକାର । ଏବେ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ମିଳୁଛି । ଉପଲବ୍ଧ ସୁବିଧାର ଉପଯୋଗ କରିବାକୁ କେନ୍ଦ୍ରାପଡାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତା ଓ ସଦସ୍ୟାମାନଙ୍କ ସହିତ ଜିଲ୍ଲା ସଂସ୍କୃତି ଭବନରେ ବାର୍ତ୍ତାଳାପ ବେଳେ ପ୍ରକାଶ କରିଛନ୍ତି । ରାଜ୍ୟପାଳ କେନ୍ଦ୍ରାପଡା କୁଷ୍ଠ କଲୋନୀ ପରିଦର୍ଶନ କରିବା ସହିତ ଲୋକମାନଙ୍କ ସହ ବାର୍ତ୍ତାଳାପରେ ନିଜର ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ଶିକ୍ଷାକୁ ଗୁରୁତ୍ୱ ଦେବାପାଇଁ ପରାମର୍ଶ ଦେଇଛନ୍ତି ଓ ସେମାନଙ୍କ ସୁଖଦୁଃଖ ପଚାରି ବୁଝିଛନ୍ତି । ଶେଷରେ ଡେରାବିଶ ବ୍ଲକ ଅନ୍ତର୍ଗତ ଗୋଲରାହାଟ ସ୍ଥିତ ଉତ୍କଳ ଉତ୍ପାଦିକା ସଂସ୍ଥାରେ ପହ୍ଁ ସେଠାରେ ସଂସ୍ଥାକୁ ପରିଚାଳନା କରୁଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କ ସହ ମତ ବିନିମୟ କରିବା ଅବସରରେ ଲୋକାଲ ମାର୍କେଟ୍‌ରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇ ସେଠାରୁ ୫ନଂ(କ) ଜାତୀୟ ରାଜପଥରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ । ଏହି ପରିଦର୍ଶନ ସମୟରେ ରାଜ୍ୟପାଳଙ୍କ ସହିତ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର,ଆରକ୍ଷୀ ଅଧିକ୍ଷକ ସମ୍ବିଦ ସମ୍ପଦ ମଡକର, ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, କେନ୍ଦ୍ରାପଡା ଏସଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତିଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।











# ଟି ଟାଇମ୍

## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି । ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି । ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ । ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି । ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି । ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ । ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ । ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି । ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି ।

## ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ଚର୍ଚ୍ଚାରେ 'ହରାମ୍‌ଖୋର'

ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି । ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା । ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି । ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ । ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ । ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି । ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି ।



## ପୁରାଣ କାହାଣୀ

# କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ । ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ । ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା । ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ । ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ । ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା । କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ । ମା' ଶିପ୍ରା ନଦୀ ଉକ୍ତ ବିଷକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ । ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ । କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ । ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା । ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ । ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି ।

# ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ । ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା । ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି । ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ । ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇଂଜିନିୟର ଭାରତ ମାରୁଙ୍କ ସହ । ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା । ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ । ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର । ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର । ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ । କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ । ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ । ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା । କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ । ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ । ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା । ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ । କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ । ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ । ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ । ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା । ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି । ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି ।

# ଲାଭଦାୟକ ଓ୍ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ଓ୍ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଷ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ଓ୍ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ଓ୍ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ଓ୍ୱେବ୍‌ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ଓ୍ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ଓ୍ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ୍ୟ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ଓ୍ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ ।

## ଆଜିର ଭାଗ୍ୟ

**ମେଷ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

**ବୃଷ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**ମିଥୁନ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**କର୍କଟ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ସିଂହ** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**କନ୍ୟା** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ତୁଳା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ବିଛା** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**ଧନୁ** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ମକର** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**କୁମ୍ଭ** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**ମୀନ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରିରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

# ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ । କ'ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ'ଣ ଜାଣିବାକୁ ମଧ୍ୟ ଜିଜ୍ଞାସା ଯାତ ହୋଇଥାଏ । ପଙ୍ଗାପୁରର ବଡଗାଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ । ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତ୍ତୁ ଘଟିଥିଲା । ବାଶ୍ ତା' ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି । ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ । ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ୍ୟ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

# ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୪, ଜାନୁଆରୀ ୭**

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ଓଡ଼ିଆଙ୍କ ହୃଦୟର ସ୍ପନ୍ଦନ କୈବଲ୍ୟନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ



ବାଦଲ ଭୂୟାଁ

ଆମ ଅଗଣିତ କୋଟି କୋଟି ଓଡ଼ିଆଙ୍କ ପ୍ରାଣର ପ୍ରିୟ ଆରାଧ୍ୟ ହେଉଛନ୍ତି ଅନନ୍ତ କୋଟି ବ୍ରହ୍ମାଣ୍ଡର ନାୟକ ମହାପ୍ରଭୁ ଶ୍ରୀଜଗନ୍ନାଥ। ତାଙ୍କ ବିନା ଆମ ଓଡ଼ିଆ ଜାତିର ତିଳେମାତ୍ର ପରିଚିତି ହିଁ ନାହିଁ। ତାଙ୍କରି ଦର୍ଶନର ଝଲକ ଟିକିଏ ପାଇବା ପାଇଁ ପୃଥିବୀର କୋଣଅନୁକୋଣରୁ ଶ୍ରୀଜଗନ୍ନାଥଙ୍କ ଧାମକୁ ଅହର୍ନିଷ ଭିଡ଼ ଲାଗିଥାଏ। ଆସନ୍ତା ୧୭ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ। କୋଟି କୋଟି ଶ୍ରୀଜଗନ୍ନାଥଙ୍କ ଶ୍ରଦ୍ଧାଳୁ ଯେପରି ସୁଲଭ ଦର୍ଶନ ପାଇଁ ମହାଭଗ୍ୟର ଆନନ୍ଦ ଭିତରେ ପୁରୀରୁ ଫେରିବେ ସେଥିପାଇଁ ଓଡ଼ିଶା ସରକାରଙ୍କ ଏହି ବିଶାଳ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି। ଶ୍ରୀକ୍ଷେତ୍ର ପୁରୀରେ ଲୀଳାମୟ ମହାପ୍ରଭୁଙ୍କ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା, ନବକଳେବର, ବାହୁଡ଼ାଯାତ୍ରା ଠାରୁ ସୁନାବେଶ ସବୁ ସମୟରେ ଶ୍ରୀକ୍ଷେତ୍ର ପୁରୀ ଯେଉଁପରି ଲୋକାରଣ୍ୟ ହୋଇଯାଏ ଏସବୁ ଭିତରେ ନୀଳାଦ୍ରିଶ ଦିବ୍ୟ ମାନବୀୟ ଲୀଳା ପ୍ରଦର୍ଶନ କରିଥାନ୍ତି। ୨୦୧୯ ମସିହା ଅଗଷ୍ଟ ୧୬ ତାରିଖ ଦିନ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନକ୍ସା ତିଆରି ହୋଇଥିଲା ଯାହାର ନାମ ରହିଥିଲା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ୫ଟି ଅଧକ୍ଷ ଭି.କେ. ପାଣ୍ଡିଆନଙ୍କ ଦୃଢ଼ ନିଷ୍ଠା ଓ ଆନ୍ତରିକତା ଏ ପ୍ରକଳ୍ପକୁ ଆଜି ଚୂଡ଼ାନ୍ତ ରୂପ ଦେଉଛି। ସବୁଠାରୁ ଉଲ୍ଲେଖନୀୟ ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତ ତଥା ଓଡ଼ିଶାର ପଞ୍ଚାୟତରାଜ ଓ ଜଙ୍ଗଲ ପରିବେଶ ବିଭାଗର ମନ୍ତ୍ରୀ ପ୍ରଦୀପ ଅମାତଙ୍କ ସହଯୋଗ। କାରଣ ଏହି ପ୍ରକଳ୍ପରେ ପଞ୍ଚାୟତରାଜ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଅମାତ ମହୋଦୟ ବ୍ୟକ୍ତିଗତ ଭାବେ ଏହି କାର୍ଯ୍ୟକ୍ରମର ତଦାରଖ କରିବା ସହ ତାଙ୍କ ବିଭାଗ ଅଧୀନରେ ଆସୁଥିବା ସମସ୍ତ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ। କେବଳ ଓଡ଼ିଶାରେ ବିଜେଡ଼ିର ଗଠନ କରିବାରେ ଜଣେ ସୁଦକ୍ଷ ବିଧାଣୀ ଭାବେ ନୁହଁନ୍ତି ଓଡ଼ିଶା ମାଟିକୁ ଭଲ ପାଉଥିବା ଏପରି ଜଣେ ଜଗନ୍ନାଥଙ୍କ ଭକ୍ତଙ୍କ ବିଷୟରେ କ୍ୱଚିତ ଓଡ଼ିଶାବାସୀ ଜାଣନ୍ତି। ସବୁଠାରୁ ବଡ଼କଥା ଥିଲା ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳୀ ଦେଇ ପୁରୀବାସୀ ଅକୁଣ୍ଠଚିତ୍ତରେ ଏହି ବହୁ ଆକାଂକ୍ଷିକ ପ୍ରକଳ୍ପ ପାଇଁ ସମର୍ଥନ ଜଣାଇଥିଲେ। ଏଥିପାଇଁ ୨୮୦ ପରିବାରର ୬୬୩ ଜଣ ନିଜ ବର୍ଷ ବର୍ଷର ଭିଟାମାଟି ମହାପ୍ରଭୁଙ୍କ ପାଇଁ ସମର୍ପି ଦେଇଥିଲେ। ଯେଉଁଥିରେ ୨୮ଟି ଲଜ ଓ ୪୪୦ଟି ଦୋକାନ ଘର ଥିଲା। ସରକାରୀ ୪୦୩ କୋଟି ଟଙ୍କା ସେମାନଙ୍କ ଥଇଥାନ ପାଇଁ ହାତ ଖୋଲା ଖର୍ଚ୍ଚ କରିଥିଲେ। ଏହାସହ ଶ୍ରୀମନ୍ଦିର ଚର୍ତୁପାର୍ଶ୍ୱରେ ଥିବା ମଠମାନଙ୍କର ଗାଦି ଘର, ପୂଜା ଓ ଆସ୍ଥାନ କେନ୍ଦ୍ରକୁ ସରକାରୀ ଭାବେ ଅଧିଗ୍ରହଣ କରାଯାଇ କ୍ଷତିପୂରଣ ପ୍ରଦାନ କରାଯାଇଥିଲା। କ୍ଷତିଗ୍ରସ୍ତ ହେଉଥିବା ଲୋକ ମାନଙ୍କ ପାଇଁ ସରକାର ବିକଳ୍ପ ବ୍ୟବସ୍ଥା କରିବା ସହ ସେଥିପାଇଁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଥିଲେ। ୨୦୨୧ ନଭେମ୍ବର ୨୪ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ଗଜପତି ମହାରାଜଙ୍କ ଦିବ୍ୟ ଉପସ୍ଥିତିରେ ଏହି ଅଦ୍ୱିତ୍ୱ ଶ୍ରୀମନ୍ଦିର ପ୍ରକଳ୍ପର ଶିଳାନ୍ୟାସ କରିଥିଲେ ଏହାସହ ଶ୍ରୀମନ୍ଦିରର ଚାରିପଟେ ଥିବା ୭୫ ମିଟର ପରିମିତ ପରିଧିରେ ଜମି ଦେଇଥିବା ୧୮ଟି ମଠର ମହନ୍ତ ମହାରାଜ ଓ ୧୦୮ ଜଣ ବ୍ୟକ୍ତିଗତ ଜମିଦାତାଙ୍କୁ ସରକାର ସମ୍ବର୍ଦ୍ଧିତ କରି କୃତଜ୍ଞତା ଜ୍ଞାପନ କରିଥିଲେ। ଏଠାରେ ଉଲ୍ଲେଖ କରାଯାଇପାରେ ଶ୍ରୀକ୍ଷେତ୍ରକୁ ଐତିହ୍ୟ ସହର ପାଇଁ ସରକାର ଅବଢ଼ା ଯୋଜନା ମାଧ୍ୟମରେ ସମୁଦାୟ ୨୨ଟି ପ୍ରକଳ୍ପ ପାଇଁ ୩୨୦୦ କୋଟି ଟଙ୍କା ବ୍ୟୟ ବରାଦ କରିଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର କାର୍ଯ୍ୟକାରିତା ଭିତରେ ରହିଛି ଅତି ସୁନ୍ଦର ପୂର୍ଣ୍ଣରୂପ। ମେଘନାଦ ପାଚେରୀ ଠାରୁ ୭ମିଟର ବଫର ଯୋନ ରହିଛି। ପରବର୍ତ୍ତୀ ୧୦ ମିଟର ଶ୍ରୀମନ୍ଦିର ଚର୍ତୁପାର୍ଶ୍ୱ ପରିକ୍ରମା ଉଦ୍ଦେଶ୍ୟରେ ଖୋଲା ରହିଛି। ପରବର୍ତ୍ତୀ ୧୦ ମିଟରରୁ ୧୪ ମିଟର ଭିତରେ ଲ୍ୟାଣ୍ଡସ୍କେପ ଜୋନ, ପରବର୍ତ୍ତୀ ୮ ମିଟର ବାହ୍ୟ ପରିକ୍ରମା ମାର୍ଗ ଓ ଏହା ପରର ୧୦ ମିଟର ବିଶ୍ରାମ ଗୃହ ସୂଚନା କେନ୍ଦ୍ର ପାଇଁ ଓ ପରବର୍ତ୍ତୀ ୫ମିଟର ଶ୍ରୀମନ୍ଦିର ପ୍ରକଳ୍ପର ରକ୍ଷଣାବେକ୍ଷଣ, ପରବର୍ତ୍ତୀ ୪.୫ ମିଟର ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବା ପାଇଁ, ୭.୫ ମିଟର ଟ୍ରାଫିକ ଲେନ ନିମିତ୍ତ ଓ ଶେଷ ପରବର୍ତ୍ତୀ ୭ ମିଟର ପାର୍ଶ୍ୱବର୍ତ୍ତୀ ସାହି ବାସିନ୍ଦା, ସେବାୟତ ଓ ଶ୍ରୀମନ୍ଦିର କର୍ମଚାରୀଙ୍କ ଗାଡ଼ି ପାର୍କିଂ, ଭକ୍ତଙ୍କ ବସିବା ସ୍ଥାନ ଆଦି ରହିଛି। ଆସନ୍ତା ଜାନୁଆରୀ ୧୭ ତାରିଖରେ ମହତାକାଂକ୍ଷୀ ପରିକ୍ରମ ପ୍ରକଳ୍ପ ଲୋକାର୍ପଣ ହେବ। ଏଥିପାଇଁ ଭବ୍ୟ ପ୍ରତିଷ୍ଠା ଉତ୍ସବ ଆୟୋଜନ କରାଯାଉଛି।

ଜାନୁଆରୀ ୧୨ ତାରିଖରୁ ହୋମ ଯଜ୍ଞାଦି କର୍ମ ଆରମ୍ଭ ହେବ। ୧୭ ତାରିଖରେ ଯଜ୍ଞ ପୂର୍ଣ୍ଣାହୁତି ହେବ। ଶ୍ରୀ ମନ୍ଦିର ଆଦ୍ୟସେବକ ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବ ପୂର୍ଣ୍ଣାହୁତି ଦେବେ। ଶ୍ରୀମନ୍ଦିର ଐଶାନ୍ୟ କୋଣରେ ଯଜ୍ଞକୁଣ୍ଡ ସ୍ଥାପନ ହେବ। ଜାନୁଆରୀ ୧୨ ତାରିଖରୁ ଯଜ୍ଞାଦି କର୍ମ ଆରମ୍ଭ ହେବ। ସେହିଦିନ ଅପରାହ୍ନ ୨ଟା ୪୫ରୁ ୪ଟା ମଧ୍ୟରେ ଗୁଆବରଣ, ସନ୍ଧ୍ୟା ସାଢ଼େ ୬ରୁ ରାତି ୮ଟା ମଧ୍ୟ ଅଙ୍କୁରାରୋପଣ ସଂପନ୍ନ ହେବ। ୧୩ ତାରିଖ ସନ୍ଧ୍ୟା ୬ଟାରେ ଅଙ୍କୁର ପୂଜନ କରାଯିବ। ୧୪ ତାରିଖ ସନ୍ଧ୍ୟା ୫ଟାରେ ମଣ୍ଡଳ ସ୍ଥାପନ, ଅଙ୍କୁର ପୂଜନ ହେବ। ୧୫ ତାରିଖରୁ ହୋମ ଯଜ୍ଞ କରାଯିବ। ସକାଳ ସାଢ଼େ ୭ଟାରେ ଅଖଣ୍ଡ ଦୀପ ସ୍ଥାପନ, ପଞ୍ଚକର୍ମ, ବ୍ରାହ୍ମଣ ବରଣ, ମଣ୍ଡଳ ପୂଜନ, ଅପରାହ୍ନ ୩ଟାରେ ବୈଷ୍ଣବ ନାମାଗ୍ନି ସଂସ୍କାର, ଆରତି ଓ ପୁଷ୍ପାଞ୍ଜଳି, ୧୬ ତାରିଖ ସକାଳ ସାଢ଼େ ୭ଟାରୁ ସୂର୍ଯ୍ୟପୂଜା, ଧରିତ୍ରୀ ପୂଜା, ଗୋ ପୂଜା, ଶାଳା ପ୍ରବେଶ, ପଞ୍ଚକର୍ମ, ମଣ୍ଡଳପୂଜା, ହବନ ଆରତି, ପୁଷ୍ପାଞ୍ଜଳି ଏବଂ ୧୭ ତାରିଖରେ ଯଜ୍ଞ ପୂର୍ଣ୍ଣାହୁତି ହେବ। ଏହି ଦିନ ସକାଳ ସାଢ଼େ ୭ଟାରେ ସୂର୍ଯ୍ୟପୂଜା, ଧରିତ୍ରୀ ପୂଜା, ଗୋ ପୂଜା, ପଞ୍ଚକର୍ମ, ବାସ୍ତୁ ଶୋଧନ, ଅଧିବାସ, ଫଳକ ଲୋକାର୍ପଣ, ଅପରାହ୍ନ ସାଢ଼େ ୧ଟାରୁ ୨ଟା ୨୫ ମଧ୍ୟର ପୂର୍ଣ୍ଣାହୁତି, ଆରତି ଓ ପୁଷ୍ପାଞ୍ଜଳି ଦିଆଯିବ ବୋଲି ସମୟ ନିର୍ଘଣ୍ଟ ହୋଇଛି। ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଉତ୍ସବ ଅବସରରେ ବେଦ ପାଠରେ ପ୍ରକମ୍ପିତ ହୋଇ ଉଠିବ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ। ବେଦ ପାଠରେ ପବିତ୍ର ହୋଇଉଠିବ ସାରା ପରିବେଶ। ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦ ପାଠ କରାଯିବ। ପୂର୍ବ ତଥା ସିଂହଦ୍ୱାରରେ ଋଗବେଦ, ପଶ୍ଚିମ ତଥା ବାଘ ଦ୍ୱାରରେ ସାମ୍ ବେଦ, ଦକ୍ଷିଣ ତଥା ଘୋଡ଼ା ଦ୍ୱାରରେ ଯର୍ଜୁବେଦ ଏବଂ ଉତ୍ତର ତଥା ହାତୀ ଦ୍ୱାରରେ ଅଥର୍ବ ବେଦ ପାଠ ହେବ। ଶ୍ରୀକ୍ଷେତ୍ର, ଶଙ୍ଖକ୍ଷେତ୍ର ଓ ଶ୍ରୀପୁରୁଷୋତ୍ତମ କ୍ଷେତ୍ର। ସ୍ଥାନ ଗୋଟିଏ ନାମ ଅନେକ। ଲୀଳାମୟ ଠାକୁର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର। ଭାରତର ଚାରିଧାମ ମଧ୍ୟରୁ ଅନ୍ୟତମ। ଶ୍ରୀକ୍ଷେତ୍ର ପୁରୀ, ଯାହାର ମାଟି, ପାଣି, ପବନ ସବୁଥିରେ ଭରି ରହିଛି ପବିତ୍ରତା ଓ ଆଧ୍ୟାତ୍ମିକତାର ବାସ୍ନା। ଏହି ପାବନ ଭୂମିର ଗୌରବମୟ ଇତିହାସ ଆଜି ବିଶ୍ୱବିଦିତ। ସାରା ବିଶ୍ୱ କେବଳ ଉପଭୋଗ ପାଇଁ ନୁହେଁ, ଅଧିକନ୍ତୁ ଉପାସନା ପାଇଁ ବି ଏଠାକୁ ଆସିଥାନ୍ତି। ସେବେ ଏ ମାଟି ସବୁ ଧର୍ମ, ସବୁ ପନ୍ଥକୁ ଆପଣାଇଥିଲା, ଆଜି ବି କରୁଛି। ସବୁମତ, ସବୁ ପଥ ଆଉ ବିଶ୍ୱାସ ଏଇଠି ଠୁଳ ହୋଇଛି। ଏହି ମାଟିରେ ସମନ୍ୱୟକୁ ଅନୁଭବ କରିହୁଏ। ଏହାକୁ ମର୍ତ୍ତ୍ୟ ବୃନ୍ଦାବନ ବୋଲି କୁହାଯାଏ। ଏହି ପୁଣ୍ୟ ଭୂମିର ଗରିମାକୁ ଆହୁରି ସୁଦୂରପ୍ରସାରି କରିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି ରାଜ୍ୟ ସରକାର। ଶ୍ରୀକ୍ଷେତ୍ର ଏବଂ ଶ୍ରୀମନ୍ଦିରକୁ ନେଇ ପ୍ରସ୍ତୁତି ଦୀର୍ଘମିଆଦୀ ରୋଡ୍‌ମ୍ୟାପକୁ ଦିଆଯାଉଛି ବାସ୍ତବ ରୂପ। ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହର ଭାବେ ଗଢ଼ିବା ପାଇଁ ଅନେକ ମେଗା ପ୍ରକଳ୍ପ ହାତକୁ ନିଆଯାଇଛି। ଏକାଧିକ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ରୂପ ନେଇଥିବା ବେଳେ ଆହୁରି କେତେକ କାମ ଜାରି ରହିଛି। ତେବେ ପୁରୀର ସବୁଠୁ ବଡ଼ ପ୍ରକଳ୍ପ ହେଉଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଓଡ଼ିଆ ଅସ୍ମିତାର ଆଦ୍ୟଉତ୍ସ ଆମ ଆରାଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଏପରି ଭକ୍ତି ନୈବେଦ୍ୟ ଏକ ଐତିହାସିକ ଅବସର ଆମ ସମସ୍ତଙ୍କୁ ଦେବା ପାଇଁ ଯାଉଛି। ଓଡ଼ିଶାର ଲୋକପ୍ରିୟ ସରକାରଙ୍କ ଏହି ମହତପୂର୍ଣ୍ଣ ପ୍ରୟାସ ଫଳବତୀ ହେବାଦ୍ୱାରା ଓଡ଼ିଆଙ୍କ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଭାବନାର ପୁନଜାଗରିତ ହେବାସହ ମହାପ୍ରଭୁଙ୍କ ମହାକୃପା ପ୍ରାପ୍ତି ହେବାର ଏହି ପ୍ରକଳ୍ପ ଏକ ମାଇଲ ଖୁଣ୍ଟ ହୋଇ ରହିବ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫*

# ନିର୍ବାଚନର ବର୍ଷ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଏଥିରେ ବୋଧହୁଏ କେହି ଦ୍ୱିମତ ହେବେ ନାହିଁ ଯେ, ନୂତନ ବର୍ଷ ୨୦୨୪ ହେଉଛି, ଦେଶରେ ନିର୍ବାଚନ ଋତୁର ବାର୍ତାବହ। ଏହା ନିସନ୍ଦେହ ଯେ, ଆସନ୍ତା ଏପ୍ରିଲ ମେ' ମାସରେ ଅନୁଷ୍ଠିତ ହେବାକୁ ଯାଉଥିବା ଲୋକସଭା, ନିର୍ବାଚନ ସବୁଠାରୁ ବଡ ନିର୍ବାଚନ ରଣଭୂମି। ସେହିପରି ଚଳିତ ବର୍ଷ ବିଭିନ୍ନ ସମୟରେ ହେବାକୁ ଯାଉଥିବା ୭ଟି ରାଜ୍ୟର ବିଧାନସଭା ନିର୍ବାଚନର ଗୁରୁତ୍ୱ କୌଣସି ଗୁଣରେ କମ୍ ଚ୍ୟାଲେଞ୍ଜ ନୁହେଁ । ଲୋକସଭା ସହ ଓଡିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ସିକ୍କିମ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ବର୍ଷର ଶେଷ ଭାଗରେ ମହାରାଷ୍ଟ୍ର, ଝାଡଖଣ୍ଡ ଓ ହରିଆନା ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଆସନ୍ତା ସେପ୍ଟେମ୍ବର ସୁଦ୍ଧା କେନ୍ଦ୍ରଶାସିତ ଅଂଚଳ ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ କରାଇବା ଲାଗି ନିର୍ବାଚନ କମିଶନଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିବାରୁ ସେଠାରେ ନିର୍ବାଚନ ହେବା ସମ୍ଭାବନା ଉଜ୍ଜ୍ୱଳ ରହିଛି। ଲୋକସଭା ହେଉ ବା ବିଧାନସଭା ହେଉ ଶାସକ ଏବଂ ବିରୋଧି ଦଳ ମଧ୍ୟରେ ନିର୍ବାଚନ କଡା ଟକ୍କର ହେବ, ଏହା ଅସ୍ୱୀକାର କରାଯାଇନପାରେ। କ୍ରମାଗତ ତୃତୀୟ ଥର ପାଇଁ କେନ୍ଦ୍ରରେ ଶାସନ ଡୋରି ଧରିବାକୁ ପ୍ରୟାସ ଜାରି ରଖିଥିବା ବିଜେପି ମେଂଟକୁ ୨୬ଟି ଆଂଚଳିକ ଓ ଜାତୀୟ ଦଳକୁ ନେଇ ନବ ଗଠିତ 'ଇଣ୍ଡିଆ' ମେଂଟ ମୁକାବିଲା କରିବାକୁ ପ୍ରସ୍ତୁତ ହେଉଛି। ସେହିପରି ଲୋକସଭା ସହ ଏକ ସଙ୍ଗେ ବିଧାନସଭା ନିର୍ବାଚନ ହେଉଥିବା ଓଡିଶା ଓ ଆନ୍ଧ୍ର ପ୍ରଦେଶରେ ଦୁଇଜଣ ଶକ୍ତିଶାଳୀ ଆଂଚଳିକ ମୁଖ୍ୟଙ୍କ ଦ୍ୱାରା ଶାସିତ ହେଉଛି। ଓଡିଶାରେ ବିଜେଡି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ କ୍ରମାଗତ ପଂଚମ ଥର ପାଇଁ କ୍ଷମତାସୀନ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ବିରୁଦ୍ଧରେ କୌଣସି ସରକାରୀ ବିରୋଧି ହାୱା ସୃଷ୍ଟି କରିବାରେ ବିରୋଧି ଦଳ ସମର୍ଥ ହୋଇନାହିଁ। ସେହିପରି ଆନ୍ଧ୍ର ପ୍ରଦେଶରେ ମୁଖ୍ୟମନ୍ତ୍ରୀ ଜଗନରେଡ୍ଡୀଙ୍କ ନେତୃତ୍ୱରେ ୱାଇଏସଆଇ କଂଗ୍ରେସ କ୍ଷମତା ରହିଛି। ଏହି ଦୁଇ ଆଂଚଳିକ ଦଳ କେନ୍ଦ୍ରରେ ଶାସକ ବିଜେପିକୁ ବିଭିନ୍ନ ଘଡିସନ୍ଧି ସମୟରେ ସହାୟତା ଦେଇ ବାସ୍ତବ କ୍ଷେତ୍ରରେ ସହଯୋଗୀ ଭାବେ ରହି ଆସିଛନ୍ତି। କିନ୍ତୁ ବିଧାନସଭା ଓ ଲୋକସଭା ନିର୍ବାଚନରେ ଏହି ଦୁଇ ଆଂଚଳିକ ଦଳ ଏବେ ନିଜ ନିଜ ରାଜ୍ୟରେ ବିଜେପି ବିରୁଦ୍ଧରେ ବିରୁଦ୍ଧରେ ଅବତୀର୍ଣ୍ଣ ହୋଇଛନ୍ତି। ଆସନ୍ତା ସେପ୍ଟେମ୍ବର ମାସରେ ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ହେବା ଆଶା କରାଯାଏ। ଗତ ୨୦୧୯ ନିର୍ବାଚନ ଫଳାଫଳ ଘୋଷଣା ପରେ କ୍ଷମତା ପାଇଁ ଶିବସେନା ଓ ବିଜେପି ମଧ୍ୟରେ ଦୀର୍ଘ ଚାରି ଦଶନ୍ଧି ଧରି ଥିବା ମେଂଟ ଭାଙ୍ଗି ଯାଇଥିଲା। କେବଳ ଏତିକି ନୁହେଁ, ରାଜ୍ୟରେ ଦୁଇ ଶକ୍ତିଶାଳୀ ଆଂଚଳିକ ଦଳ ଶିବସେନା ଏବଂ ଏନସିପି ବିଭାଜିତ ହୋଇଯାଇଥିବା ବେଳେ ବହୁ ବିଧାୟକଙ୍କ ଭାଗ୍ୟ ଏବେ ଦଳ ବଦଳ ନିରୋଧ ଆଇନ ଅନୁସାରେ ସୂତା ଖିଅରେ ଝୁଲୁଛି। ଦୁଇ ବିଭାଜିତ ଶିବ ସେନା ଗୋଷ୍ଠୀ ପରସ୍ପର ବିରୁଦ୍ଧରେ ଦଳବଦଳ ନିରୋଧ ଆଇନ ଅନୁଯାୟୀ ପିଟିସନ ଉପରେ ନିଷ୍ପତି ଆସନ୍ତା ୧୦ତାରିଖ ସୁଦ୍ଧା ଘୋଷଣା କରିବାକୁ ସୁପ୍ରିମକୋର୍ଟ ବାଚସ୍ପତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏନସିପିର ବିଭାଜନ ଉପରେ ନିଷ୍ପତି ଶୁଣାଇବାକୁ ସର୍ବୋଚ୍ଚ ଅଦାଲତ ଜାନୁୟାରୀ ୩୧ ତାରିଖକୁ ଅନ୍ତିମ ଦିବସ ଧାର୍ଯ୍ୟ କରିଛନ୍ତି। ବିଧାନସଭା ନିର୍ବାଚନ ପୂର୍ବରୁ ଏଠାରେ ବଡ ଧରଣର ରାଜନୈତିକ ହଟ୍ଟଚମଟ ସୃଷ୍ଟି ହେବାର ଆଶଙ୍କାକୁ ଅଣଦେଖା କରାଯାଇନପାରେ। ଆହୁରି ମଧ ୩ଟି ରାଜ୍ୟର ବିଧାନସଭାର ନିର୍ବାଚନରେ ବିଜୟ ପରେ ଏକ ସେଠାରେ ଲୋକସଭା ସହ ବିଧାନସଭା ନିର୍ବାଚନ କରିବାକୁ ବିଜେପି ନେତୃତ୍ୱ ଚିନ୍ତା କରୁଥିବା ଶୁଣାଯାଏ। ସେହିପରି ହରିଆନାରେ ଏବେ ବିଜେପି ନେତୃତ୍ୱରେ ମେଂଟ ସରକାର ରହିଥିବା ବେଳେ ବିଧାନସଭା ନିର୍ବାଚନ ଅସ୍ଥିରତା ଭିତରେ ହେବାକୁ ଯାଉଥିବା ମନେହୁଏ। କହିବା ବାହୁଲ୍ୟ ଯେ, ହରିଆନା କୃଷକ ଆନ୍ଦୋଳନର କେନ୍ଦ୍ରସ୍ଥଳ ପାଲଟିଥିବାବେଳେ ନୁହ ହିଂସାକାଣ୍ଡ ସାଂପ୍ରଦାୟିକ ଉତେଜନାର କ୍ଷେତ୍ର ପାଲଟିଛି। ସେହିପରି ମହିଳା କୁସ୍ତି ଯୋଦ୍ଧାଙ୍କୁ ଯୌନ ନିର୍ଯ୍ୟାତନା ମାମଲା ନିର୍ବାଚନ ଉପରେ ପ୍ରଭାବ ପକାଇବା ସମ୍ଭାବନାକୁ ଅଗ୍ରାହ୍ୟ କରାଯାଇନପାରେ। କାରଣ ଅଧିକାଂଶ ମଲ୍ଲ ଯୋଦ୍ଧା ହରିଆନାର ଯେଉଁମାନଙ୍କର କି ଲୋକଙ୍କ ମଧ୍ୟରେ ଯଥେଷ୍ଟ ଲୋକପ୍ରିୟତା ଓ ସମ୍ମାନ ରହିଛି। ସେହିପରି ସେପ୍ଟେମ୍ବର ମାସରେ ଝାଡଖଣ୍ଡ ବିଧାନସଭା ନିର୍ବାଚନ ହେବ। ଯେଉଁଠାରେ କି ଝାଡଖଣ୍ଡ ବିଧାନସଭା ନିର୍ବାଚନ ହେବ। ଯେଉଁଠାରେ କି ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଲାଭଜନକ ପଦ ମାମଲାରେ ସଭ୍ୟପଦ ରଦ୍ଦ ବା ଅଯୋଗ୍ୟ ଘୋଷଣା ନେଇ ନିର୍ବାଚନ କମିଶନଙ୍କ ପତ୍ର ଏବେ ରାଜଭବନର ନିଷ୍ପତି ଅପେକ୍ଷାରେ ରହିଛି। ନିର୍ବାଚନ କମିଶନଙ୍କ ପତ୍ର ଉପରେ ଏବେ ବିଚାର ବିମର୍ଷ ବା ମୂଲ୍ୟାୟନ ଚାଲିଥିବା ରାଜଭବନ ପକ୍ଷରୁ କୁହାଯାଇଛି। ଆହୁରି ମଧ ଖଣି ଦୁର୍ନୀତି ମାମଲାରେ ପ୍ରବର୍ତନ ନିର୍ଦ୍ଦେଶାଳୟ(ଇଡି)ର ସମାନକୁ ମୁଖ୍ୟମନ୍ତ୍ରୀ ସୋରେନ ୬ଥର ଏଡାଇ ଯାଇଥିବା ସମୟରେ ସେଠାରେ ତାଙ୍କ ନେତୃତ୍ୱ ଉପରେ କଂଗ୍ରେସ, ଜେଡିୟୁ ଏବଂ ଅନ୍ୟଦଳକୁ ନେଇ ଗଠିତ ମେଂଟର ଦୃଢ ସମର୍ଥନ ରହିଛି। ତେବେ ନିର୍ବାଚନ ପୂର୍ବରୁ ସେଠାରେ ବଡ ଧରଣର ରାଜନୈତିକ ହଟ୍ଟଚମଟକୁ ଅସ୍ୱୀକାର କରାଯାଇନପାରେ। ଦେଶରେ ସାଧାରଣ ନିର୍ବାଚନ ନେଇ ସମସ୍ତ ରାଜନୈତିକ ଦଳ ମଧ୍ୟରେ ବ୍ୟାପକ ତତ୍ପରତା ଲକ୍ଷ୍ୟ କରାଯାଉଥିବାବେଳେ ଆସନ୍ତା ୨୨ତାରିଖରେ ଅଯୋଧାରେ ରାମମନ୍ଦିର ଉଦଘାଟିତ ହେବାକୁ ଯାଉଛି, ଯେଉଁଥିରୁ କି ବିଜେପି ରାଜନୈତିକ ଫାଇଦା ଉଠାଇବା ଲାଗି ବିଜେପି ସମସ୍ତ ପ୍ରକାର ପ୍ରୟାସ ଜାରି ରଖିଛି। ତେବେ ରାମମନ୍ଦିର ପ୍ରସଙ୍ଗକୁ ବିଜେପି ରାଜନୀତିକରଣ ରୂପ ଦେଇଥିବା ନେଇ ବିରୋଧି ଦଳର ଅଭିଯୋଗ କରିଥିବାବେଳେ ଏହାର କୌଣସି ଅର୍ଥ ନାହିଁ ବୋଲି କୁହାଯାଇପାରେ। ତେବେ ନିର୍ବାଚନକୁ ଦୃଷ୍ଟିରୁ ଦେଶର ରାଜନୈତିକ ବାତାବରଣ ଯେ, ସରଗରମ ହେବାରେ ଲାଗିଛି। ଏହା ଅସ୍ୱୀକାର କରାଯାଇନପାରେ।

*ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨ ମୋବାଇଲ ନଂ-୯୪୩୭୯୯୪୩୭୯*

# ପିଲାଙ୍କୁ ନେଇ ସୃଜନର ଦୁନିଆ



ଯଶସ୍ୱିନୀ ପଟ୍ଟନାୟକ

ସୃଜନଶୀଳତା ପ୍ରତ୍ୟେକଙ୍କର ଅନ୍ତର୍ନିହିତ ସ୍ୱତନ୍ତ୍ରତାର ଝଲକ। ଏହା ଈଶ୍ୱର ପ୍ରଦତ୍ତ ନିଶ୍ଚୟ। ତେବେ ଅନେକ କ୍ଷେତ୍ରରେ ଦେଖାଯାଏ ପିତା-ମାତା ମାନେ ସୃଜନଶୀଳତାକୁ ପ୍ରାଥମିକ ସମୟରୁ ବୁଝି ପାରିନଥାନ୍ତି ଯାହାର ଫଳସ୍ୱରୂପ ସେମାନେ ଏହାର ପ୍ରାସଙ୍ଗିକତା ବୁଝିଲାବେଳକୁ ଅନେକ ବିଳମ୍ବ ହୋଇଯାଇଥାଏ। କିନ୍ତୁ ସୃଜନଶୀଳତା ଏକ ପିଲାର ଆସନ୍ତା ସମୟ ପାଇଁ ତା ଭବିଷ୍ୟତର କର୍ମଦକ୍ଷତା ଓ ଦୈନନ୍ଦିନ ଜୀବନର ଶୃଙ୍ଖଳା ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ସୃଜନଶୀଳତା ଦ୍ୱାରା ଜଣେ ନିଜ ଜୀବନର ମାର୍ଗଦର୍ଶନର ପ୍ରଥମ ସୋପାନକୁ ଅତିକ୍ରମ କରିପାରିବ। ନିଜ ପିଲାଙ୍କ ସଫଳତା ପାଇଁ କେଉଁ ପିତାମାତା ଖୁସି ବା ନହୁଅନ୍ତି । ସମସ୍ତେ ନିଜ ପିଲାଙ୍କ ସଫଳତା ପାଇଁ ଗର୍ବ କରିବା ସ୍ୱାଭାବିକ । କିନ୍ତୁ ଦେଖାଯାଇଥାଏ ଅଧିକାଂଶ ପିତାମାତା ସେମାନଙ୍କର ପିଲାଙ୍କ ଭବିଷ୍ୟତ ନେଇ ଯତ୍ନଶୀଳ ହୋଇଥିଲେ ମଧ୍ୟ କିନ୍ତୁ ସେମାନଙ୍କ ସୃଜନଶୀଳତା ପ୍ରତି ନଜର ଅନ୍ଦାଜ କରିଥାନ୍ତି । ସର୍ବଦା ଦେଖାଯାଇଥାଏ ପିଲାମାନେ ପ୍ରାୟତଃ ଜିଜ୍ଞାସୁ ସ୍ୱଭାବର ହୋଇଥିବାରୁ ଅନେକ ସମୟରେ ସେମାନେ ବହୁ ପ୍ରଶ୍ନ ପଚାରିଥାନ୍ତି । ବେଳେବେଳେ କୌତୂହଳ ବଶତଃ ଅନ୍ୟମାନଙ୍କର ଜ୍ଞାନର ପରିସୀମା ମାପିବା ପାଇଁ ମଧ୍ୟ ପ୍ରଶ୍ନ ପଚାରିଥାନ୍ତି । ତେବେ ଏଥିରୁ ସେମାନଙ୍କୁ ପ୍ରଗଳଭ ଭାବରେ ବିବେଚନା କରି ବିରକ୍ତି ପ୍ରକାଶ ନକରି ବରଂ ଉତ୍ସାହିତ କରନ୍ତୁ । ସେମାନଙ୍କୁ ଟାଳେଇ ଦେଇ ସଂକ୍ଷିପ୍ତ ଉତ୍ତର ନଦେଇ ସବିଶେଷ ଭାବରେ ପ୍ରଶ୍ନଟିର ଉତ୍ତର ପ୍ରଦାନ କରନ୍ତୁ । ଯଦି ଆପଣ ସେ ପ୍ରଶ୍ନର ଉତ୍ତର ନିଜେ ଜାଣିନଥାନ୍ତି ତେବେ ସେମାନଙ୍କ ପ୍ରଶ୍ନୋତ୍ତର ଶୈଳୀକୁ ପ୍ରଶଂସା କରିବା ସହ ସେମାନଙ୍କୁ ଉତ୍ସାହିତ କରନ୍ତୁ । ସମ୍ପ୍ରତି ଅତ୍ୟାଧୁନିକ ବ୍ୟସ୍ତମୟ ଧାଇଁଧଉଡ଼ ଜୀବନ ଭିତରେ ପିତାମାତାମାନେ ସେମାନଙ୍କ ପିଲାଙ୍କୁ ଯଥେଷ୍ଟ ଭାବରେ ସମୟ ଦେଇପାରି ନଥାନ୍ତି । କିନ୍ତୁ ଏହା ଠିକ୍ ନୁହେଁ । ଯାହାବି ହେଲେ ସେମାନଙ୍କ ପାଇଁ କିଛି ସମୟ ବାହାର କରି ସେମାନଙ୍କ ସହ ସମୟ କାଟିବା କଥା । ସବୁବେଳେ ମନେ ରଖିଥାନ୍ତୁ ଆପଣ ସେମାନଙ୍କୁ ଯେତେ ଅଧିକ ସମୟ ଦେବେ ସେମାନଙ୍କ ସୃଜନଶୀଳତାର ବିକାଶ ସେତେ ଅଧିକ ହେବ । ଆଉଗୋଟିଏ କଥା ଭୁଲିବେ ନାହିଁ ପିଲାମାନଙ୍କ ସହ କ୍ରୀଡ଼ା କୌତୁକ କରିବା ସମୟରେ ଆପଣମାନେ ନିଜ ବୟସକୁ ଭୁଲିଯାଇ ଛୋଟ ପିଲାଙ୍କ ପରି ସେମାନଙ୍କ ସହ ଖେଳନ୍ତୁ । ବିଶେଷକରି ସ୍ୱାସ୍ଥ୍ୟପ୍ରଦ କ୍ରୀଡ଼ାକୁ ଗୁରୁତ୍ୱ ପ୍ରଦାନ କରନ୍ତୁ । ସମ୍ପର୍କ ଅଧିକ ନିବିଡ଼ କରିବା ପାଇଁ ଓ ପରସ୍ପର ମଧ୍ୟରେ ଭାବଗତ ସମ୍ପର୍କ ସୃଷ୍ଟି ପାଇଁ ପିଲାମାନଙ୍କ ସହ ବେଳେ ବେଳେ ସେମାନଙ୍କ ଚିନ୍ତନ ସହ ସମଭାଗୀ ହୋଇ ଛୋଟିଆ ଆଲୋଚନା କରନ୍ତୁ । ଅଧିକାଂଶ ପିତାମାତା ପିଲାଙ୍କ ସହ କେବଳ ଉପଦେଶ ବା ପରାମର୍ଶ ଦେବା ସମୟରେ କଥାବାର୍ତ୍ତା କରିଥାନ୍ତି । କିନ୍ତୁ ବିଭିନ୍ନ ବିଷୟରେ ସେମାନଙ୍କ ସହ ଆଲୋଚନା କଲେ ସେମାନଙ୍କ ସୃଜନଶୀଳତା ବଢ଼ିବ ବୋଲି ସେମାନେ ସମ୍ଭବତଃ ଭୁଲିଯାଇଥାନ୍ତି । ଏହି ସମୟରେ ସେମାନଙ୍କୁ ଆବଶ୍ୟକସ୍ଥଳେ ପରାମର୍ଶ ଦେବା ବ୍ୟତିରେକେ ସେମାନଙ୍କୁ କହିବା ପାଇଁ ସଂପୂର୍ଣ୍ଣ ସୁଯୋଗ ଦିଅନ୍ତୁ । ସେମାନଙ୍କ ଉପରେ ନିଜ ମତକୁ ଲଦି ଦେବାକୁ ଆଦୌ ଚେଷ୍ଟା କରନ୍ତୁ ନାହିଁ । ସମୟାନୁସାରେ ପିଲାମାନଙ୍କୁ ନିଜେ ନିଷ୍ପତ୍ତି ନେବାର ସୁଯୋଗ ଦେଇ ସେମାନଙ୍କୁ ସାହାସୀ ଓ ସ୍ୱାବଲମ୍ବୀ ହେବାର ବାର୍ତ୍ତାଦେଇ ସେମାନଙ୍କ ଉପରେ ଭରସା ରଖନ୍ତୁ । ଦେଖାଯାଇଥାଏ ଆମ୍ଭେମାନେ ସବୁବେଳେ ପିଲାମାନଙ୍କ ପାଇଁ ନିଜେ ହିଁ ନିଷ୍ପତ୍ତି ନେଇଥାଉ । ସେମାନଙ୍କ ପାଇଁ କେଉଁଟା ଠିକ୍ ବା ଭୁଲ ଆମେ ଭଲ ଭାବେ ଜାଣୁ ବୋଲି ବିଶ୍ୱାସ କରୁ । ସାରା ଜୀବନ ତ ଆମେ ସେମାନଙ୍କ ପାଇଁ ନିଷ୍ପତ୍ତି ନେଇ ପାରିବା ନାହିଁ ତେଣୁ ଏ ଦାୟିତ୍ୱ ତାଙ୍କ ଉପରେ ଛାଡି ଦିଆଗଲେ ଭଲ ହେବ । ତେବେ ଆପଣ ଏଥିରେ ଦିଗ୍‌ଦର୍ଶକର ଭୂମିକା ନିର୍ବାହ କରିପାରିବେ । ପିଲାମାନଙ୍କୁ ଶୋଇବା ସମୟରେ ବା ଅବସର ସମୟରେ ସେମାନଙ୍କ ମାନସିକ ଓ ବୌଦ୍ଧିକ ଶକ୍ତିର ବିକାଶ ପାଇଁ ବିଭିନ୍ନ ଗପ କୁହନ୍ତୁ । ପୌରାଣିକ କାହାଣୀ ଓ ଧାର୍ମିକ କଥା ପିଲାମାନଙ୍କ ଆଦର୍ଶ ପୁସ୍ତିକାରୁ କିଛି ନୀତିଗପ ସେମାନଙ୍କୁ ଶୁଣାନ୍ତୁ । ଭାରତବର୍ଷର ବିଭିନ୍ନ ପ୍ରତିଥ ଯଶା ବ୍ୟକ୍ତିତ୍ୱ ସମ୍ପର୍କିତ କାହାଣୀ ମଧ ସେମାନଙ୍କୁ ଶୁଣାଇଲେ ସେମାନେ ସେହି ମହତ୍ ବ୍ୟକ୍ତିମାନଙ୍କର ଜୀବନର ପ୍ରେରଣାପ୍ରଦ କାହାଣୀ ଶୁଣି ନିଜେ ଉତ୍ସାହ ପାଇପାରିବେ । ପିଲାମାନଙ୍କୁ ସକାଳେ କିମ୍ବା ସାନ୍ଧ୍ୟଭ୍ରମଣରେ ବୁଲାଇ ନେବାର ଅଭ୍ୟାସ କରାନ୍ତୁ । ଏହି ସମୟରେ ସେମାନଙ୍କୁ ବୃକ୍ଷଲତା ସମ୍ବନ୍ଧୀୟ, ପରିବେଶ ସୁରକ୍ଷା ସମ୍ପର୍କିତ କିମ୍ବା ବଗିଚାର ଯତ୍ନ ସମ୍ପର୍କିତ କିଛି କାହାଣୀ କୁହନ୍ତୁ । ଗୃହପାଳିତ ପଶୁପକ୍ଷୀଙ୍କୁ ସାହାଯ୍ୟ କରିବା ପାଇଁ ଉତ୍ସାହିତ କରିବା ସହ ମଝିରେ ମଝିରେ ବିଭିନ୍ନ ଚିଡ଼ିଆଖାନା ଓ ପାର୍କକୁ ସେମାନଙ୍କୁ ବୁଲାଇ ନିଅନ୍ତୁ । ଏହାଦ୍ୱାରା ପିଲାମାନେ ପ୍ରକୃତି ସହ ମିଶିବାର ସୁଯୋଗ ପାଇପାରିବେ । ପିଲାମାନଙ୍କୁ ଖେଳନା ଦେବା ସମୟରେ ସେମାନଙ୍କୁ ବିଶେଷକରି ବିଜ୍ଞାନ ଚିନ୍ତନ ଉଦ୍ରେକକାରୀ ଖେଳନା କିମ୍ବା କିଛି ଭଲ ପୁସ୍ତକ ପଢ଼ିବା ସମ୍ପର୍କରେ ଜାଣିବାର ସୁଯୋଗ ଦିଅନ୍ତୁ । ଏହାଦ୍ୱାରା ସେମାନଙ୍କ କଳ୍ପନା ଶକ୍ତିର ବିକାଶ ହେବା ସମ୍ଭବ ହେବ । ପିଲାମାନଙ୍କୁ ନିଜେ ନିଜର ଶ୍ରେଣୀଗତ ବିଜ୍ଞାନ ପ୍ରକଳ୍ପ କିମ୍ବା ଦଳଗତ ଆଲୋଚନା ପାଇଁ ଉତ୍ସାହିତ କରନ୍ତୁ । ବେଶୀ ସମୟ ଟିଭି ଦେଖାରେ ସୁଯୋଗ ନଦେଇ ବରଂ ସେମାନଙ୍କୁ କିଛି ସମୟ ଇଣ୍ଟରନେଟ୍‌ରେ ବିଜ୍ଞାନ, ଐତିହାସିକ କାହାଣୀ, ଲୋକ ପରମ୍ପରା ଓ ପର୍ଯ୍ୟଟନ, ଭ୍ରମଣ କାହାଣୀ ଠାରୁ କ୍ରୀଡ଼ା ସମ୍ପର୍କିତ ଘଟଣାବଳୀ ବା ପୌରାଣିକ ଲୋକକଥା କିଛି ଜାଣିବାର ସୁଯୋଗ ଦିଅନ୍ତୁ । ଛୋଟ ସମୟରୁ ସେମାନଙ୍କୁ ନିଜ ନିଜ ସ୍ୱାସ୍ଥ୍ୟ ସଚେତନ ରହିବା ପାଇଁ ଶିକ୍ଷା ଦିଅନ୍ତୁ । ସବୁବେଳେ ସେମାନଙ୍କୁ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ ହେବାପାଇଁ ଚେଷ୍ଟା ଜାଗ୍ରତ କରାଇବା ସହ ସଦାସର୍ବଦା ମାନବୀୟ ମୂଲ୍ୟବୋଧ ସମ୍ପର୍କିତ ଦିବ୍ୟ ଭାବନା ଉଦ୍ରେକ କରିବା ପାଇଁ ସେମାନଙ୍କୁ ସଦାସର୍ବଦା ଭଗବାନଙ୍କ ନାମ ସ୍ମରଣ କରିବା ପାଇଁ ଶିକ୍ଷା ପ୍ରଦାନ କରନ୍ତୁ । ଆଜିକାଲି ଅନେକ ଶିକ୍ଷାୟତନରେ ପ୍ରାୟତଃ ପିଲାମାନଙ୍କ ସୃଜନଶୀଳତା ପାଇଁ ଅନେକ ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ଏହା ନିଶ୍ଚିନ୍ତ ଖୁସିର କଥା। ପ୍ରାଚୀନ ଗୁରୁକୁଳ ଶିକ୍ଷା ବ୍ୟବସ୍ଥିତ ଓ ମାନବୀୟ ମୂଲ୍ୟବୋଧ ପରମ୍ପରାକୁ ଗୁରୁତ୍ୱ ଦେଉଥିବା ଓଡ଼ିଶାର ଅନ୍ୟତମ ଆଦର୍ଶ ବିଦ୍ୟାଳୟ କଟକ ସିଡିଏର ନାଳନ୍ଦା ପବ୍ଲିକ ସ୍କୁଲରେ ସ୍ୱତନ୍ତ୍ର ଭାବେ ଅନେକ ସୃଜନଶୀଳ କାର୍ଯ୍ୟକ୍ରମ ନିୟମିତ ଭାବେ ଅନୁଷ୍ଠିତ ହେଉଛି। କେବଳ ଖେଳକୁଦ ନୁହେଁ ବା କୌଣସି ପ୍ରତିଯୋଗିତା ନୁହେଁ ସାମଗ୍ରିକ ଭାବେ ଯେକୌଣସି ପିଲାର ଯେକୌଣସି ଭାବନାର ଅନ୍ତଃ ସୃଜନଶୀଳତାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଜାଣିବା ମାତ୍ରେ ତୁରନ୍ତ ଏ ନେଇ ପିଲାର ମାନସିକତା ସହ ସୃଜନଶୀଳତାକୁ ଅଗ୍ରାଧିକାର ଦେଇ ଏହାର ବିକାଶ ପାଇଁ ନିଜେ ଦାୟିତ୍ୱ ନେଇଥାନ୍ତି ଯାହାର ଫଳ ସ୍ୱରୂପ ଏହି ବିଦ୍ୟାଳୟର ଅନେକ କୋଳମତି ପ୍ରତିଭାବାନ ମାନେ ଆଜି କେବଳ ରାଜ୍ୟ ସ୍ତରରେ ନୁହେଁ ଜାତୀୟ ସ୍ତରରେ ସୁନାମ ବଢ଼ାଉଛନ୍ତି। ଆଜିକାଲି ଅନେକ ପିତା-ମାତା ତଥାକଥିତ ବଜାରର ବା ସୋସିଆଲ ମିଡ଼ିଆର କୌଣସି ସୂଚନା ପାଇ ପିଲାମାନଙ୍କୁ ଗଢ଼ି ତୋଳିବା ପାଇଁ ଉଦ୍ୟମ କରୁଛନ୍ତି। କିନ୍ତୁ ଓଡ଼ିଆରେ ଏକ କଥା ଅଛି ସବୁ ଚକ୍ ଚକ୍ କରୁଥିବା ଜିନିଷ ସୁନା ହୋଇନଥାଏ। ତେଣୁ ବଜାରରେ ଭେଳିକି ସୃଷ୍ଟି କରୁଥିବା ଚିକ୍‌ମିକିଆ ପ୍ରଲୋଭନୀୟ ବସ୍ତୁ ଠାରୁ ମୁହଁ ଫେରାଇ ବାସ୍ତବବାଦୀ ଦୁନିଆର ଜୀବନ ଚିତ୍ର ସେମାନଙ୍କୁ ପିଲାଦିନରୁ ହିଁ ଶିଖାନ୍ତୁ । ଦେଖିବେ ଶିଶୁଟି ବାସ୍ତବରେ ସୃଜନଶୀଳ ଲାଭ କରି ନିଜ ଜୀବନକୁ ଦିବ୍ୟମୟ କରିବା ପାଇଁ ପ୍ରେରଣା ପାଇପାରିବ । ଏହାଦ୍ୱାରା ଏକ ଦିବ୍ୟ ଓ ଶୋଭନୀୟ ସମାଜରେ ପିଲାଟି ନିଜେ ପ୍ରତିଷ୍ଠାଲାଭ କରି ଏକ ଉଜ୍ଜଳ ରାଷ୍ଟ୍ରର ଯଥାର୍ଥ ନାଗରିକ ଭାବରେ ନିଜ ଦାୟିତ୍ୱ ନିର୍ବାହ କରିପାରିବ ।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ

# ଦୂରେଇ ଯିବାନି ନିଜ ମୂଳରୁ



ଭାସ୍କର ବାରିକ୍

'ଇଂରାଜୀ ନୂଆ ବର୍ଷ ଓ ଆମେ' ଶୀର୍ଷକ ଥାଇ ଏ ଅଧମର ଗୋଟିଏ ଛୋଟିଆ ଲେଖା ଏହି ଖବରକାଗଜରେ ପ୍ରକାଶିତ ହୋଇଥିଲା । ଲେଖାଟି ଜଣେ ବନ୍ଧୁ ପଢିଥିଲେ ବୋଧେ । ଅଚାନକ ଥରେ ବଜାରରେ ଏକ ଚାହା ଦୋକାନରେ ଦେଖା ହୋଇଗଲା ବନ୍ଧୁଙ୍କ ସହିତ । ମୋତେ ପଚାରିଲେ ସମଗ୍ର ବିଶ୍ୱ ଯେତେବେଳେ ଇଂରାଜୀ ନୂଆ ବର୍ଷକୁ ଧୁମଧାମରେ ପାଳନ କରୁଛି, ତମ ଲେଖାରେ ତା'ର କିଛିଟା ବିରୋଧାଭାସ ପ୍ରତିଫଳିତ ହୋଇଛି । ପରିବର୍ତ୍ତନଶୀଳ ଦୁନିଆରେ ତମେ କ'ଣ ପରିବର୍ତ୍ତନ ବିରୋଧରେ । ସେହି ପୁରୁଣା କାଳିଆ ଚିନ୍ତାଧାରା ଭିତରେ ରହି ସବୁବେଳେ ଶଗଡ଼ ଗୁଳାରେ ଚାଲିବାକୁ ଚାହୁଁଛ । ମୁଁ ବନ୍ଧୁ ଜଣଙ୍କୁ ଉତ୍ତରରେ କହିଲି , ଇଂରାଜୀ ନୂଆ ବର୍ଷ ପାଳନକୁ ବିରୋଧ କରିନି ବରଂ ଇଂରାଜୀ ନୂଆ ବର୍ଷ ଭଳି ନିଜର ନିଜସ୍ୱ ନୂଆ ବର୍ଷକୁ ପାଳନ କରିବା ଉପରେ ଜୋର ଦେଇଛି । ମୋ ନିଜ ଘରର ପେଜପାଣି ମୋ ପାଇଁ ଜଗନ୍ନାଥଙ୍କ ଅଭଡ଼ା ହାଟର ଟଙ୍କ ତୋରାଣି । ମୋ ସଭ୍ୟତା,ସଂସ୍କୃତି, ନୂଆ ବର୍ଷ,ପର୍ବ ପର୍ବାଣୀ ମୋ ପାଇଁ ବଡ଼ । ବିଦେଶୀ ସଭ୍ୟତାରେ ଯାହା ଭଲ ତାହା ଗ୍ରହଣୀୟ । କିନ୍ତୁ ଅନ୍ଧ ଭାବରେ ହନୁକରଣ କରିବାକୁ ମୁଁ ବିରୋଧ କରିଛି । ମୁଁ ଯଦି ମୋ ନିଜ ମାଆକୁ ଭଲପାଇବା ଜାଣିନାହିଁ , ତାହେଲେ ଦୁନିଆରେ କାହାରିକୁ ଭଲ ପାଇ ପାରିବି ନାହିଁ । ଖୁବ୍ ଉଚ୍ଚ ଶିକ୍ଷିତ ଓ ଉଚ୍ଚ ପଦବୀରେ ଥିବା ବନ୍ଧୁ ମୋର କେତେ ପରିମାଣରେ ମୋ କଥାରେ ଏକମତ ହେଲେ ସେକଥା ମୁଁ କହି ପାରିବିନି । ଚାହା ପିଉ ପିଉ ସାମାନ୍ୟ ହସି କେବଳ ମୁଣ୍ଡ ହଲେଇଲେ । ତାପରେ କିଛି ପାରିବାରିକ ଆଲୋଚନା। କିଛି ସମୟ ପରେ ବନ୍ଧୁ ଜୟ ଜଗନ୍ନାଥ କହି ହାତ ମିଳେଇ ବିଦାୟ ନେଲେ । ମନେ ମନେ ହସିଲି । ଆମେ ଜୟ ଜଗନ୍ନାଥ,ଜୟ ଶ୍ରୀରାମ , କହୁଛୁ, ହାତଯୋଡି ନମସ୍କାର କରିବା ସହିତ ହାତ ମିଳେଇବା ବି ଶିଖିଛୁ । ପବିତ୍ର ଗଙ୍ଗା, ଯମୁନା ଓ ସରସ୍ୱତୀର ମିଳନ ସ୍ଥଳି ପରା ଆମ ଦେଶ । ଭୁଲ୍ ଠିକ୍, ପାପ ପୂଣ୍ୟ , ନ୍ୟାୟ ଅନ୍ୟାୟକୁ ଭଲଭାବରେ ବୁଝିଛୁ । ଏଠି ପାପକୁ ଘୃଣା କରାଯାଏ, ପାପିକୁ ବି ଛାଡ଼ି ଦିଆଯାଏ ନାହିଁ । ଗୋଟେ ଗାଲକୁ ଜଣେ ମାରିଲେ ଆଉ ଗୋଟେ ଗାଲ ଦେଖେଇ ଦେବା ପରିବର୍ତ୍ତ ? ଆମ ଦେଶ ଇଟାର ଯବାବ ପଥରରେ ଦେବା ଶିଖି ଯାଇଛି ।ନିଜକୁ ଶଶକ୍ତ କରି ଗଢି ପାରିଛି। କିନ୍ତୁ କେତେକ କ୍ଷେତ୍ରରେ ପରିବର୍ତ୍ତନ ସୁଅରେ ଆମେ ଟିକେ ଅଧିକ ସ୍ୱାର୍ଥପର ଓ ସୁବିଧାବାଦୀ ହୋଇ ଯାଇଛୁ। ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ଅନେକ ପରିମାଣରେ ଆମେ ପ୍ରଭାବିତ । ଯିଏ ନିଜକୁ ଏହି ପରିବର୍ତ୍ତନ ଧାରାରେ ସାମିଲ୍ କରି ପାରୁନି ,ସେ ବିଚରା ଭଲ ପାଠ ପଢୁନଥିବା ପିଲା ପରି ସମାଜର ପଛ ଧାଡ଼ିରେ ରହି ଯାଉଛି । ହିଂସା , ଅନ୍ୟାୟ , ଅବିଚାର ବଢ଼ି ବଢ଼ି ଚାଲିଛି । ବ୍ୟଭିଚାର ଓ ହିଂସାକାଣ୍ଡ ଆଜି ଗ୍ରହଣୀୟ ନୁହେଁ ସଭ୍ୟ ସମାଜରେ । ରାତି କଥା ଛାଡ଼ନ୍ତୁ, ଦିନ ଦ୍ୱିପହରରେ ଚାଲୁଛି ନାରୀ ଦୁଷ୍କର୍ମ, ହତ୍ୟା ଭଳି ନୃଶଂସ କାଣ୍ଡ । ଏହା ବିରୋଧରେ ସ୍ୱର ଉଠେଇବା କ'ଣ ପାପ ? ପାପି, ଅହଂକାରୀ, ଅପରାଧୀ ବିରୋଧରେ ପାଟି ଖୋଲିବା କ'ଣ ଅପରାଧ । ଆମେ ଏତେ ମୋହାଚ୍ଛନ୍ନ କାହିଁକି ? ଅର୍ଥ, ସମ୍ପତ୍ତି, କ୍ଷମତା ପାଇଁ ଏତେ ପାଗଳ କାହିଁକି ? ଏମିତି ଦିନେ ମୋହ ମାୟାର ବନ୍ଧନରେ ଛନ୍ଦି ହୋଇ ଯାଇଥିଲେ ବୀର ଅର୍ଜୁନ । କିନ୍ତୁ ଶ୍ରୀକୃଷ୍ଣଙ୍କର ଶବ୍ଦ ବାଣରେ ଭାଙ୍ଗି ଯାଇଛି ତାଙ୍କର ମୋହ । ଆଉ ଟିକେ ଭଲସେ କହିଲେ, ପାଣ୍ଡବ ପାଂଚ ଭାଇଙ୍କ ପାଇଁ ବୀର ଅର୍ଜୁନଙ୍କ ସଖା ପ୍ରଭୁ ଶ୍ରୀକୃଷ୍ଣ ନିଜେ ମାତ୍ର ପାଂଚ ଖଣ୍ଡ ଗ୍ରାମ ମାଗିଥିଲେ ଅହଂକାରୀ ଦୁର୍ଯ୍ୟୋଧନକୁ । ଉତ୍ତର ମିଳିଥିଲା ବିନା ଯୁଦ୍ଧରେ ଛୁଂଚି ଅଗ୍ରରେ ଟିକିଏ ବି ଭୂମି ନଦେବାର ବାକ୍ୟ । ତାପରେ ଫଳ କୁରୁବଂଶ ନିପାତର କାହାଣୀ । ଅହମିକାର ନିପାତ । ଯୁଦ୍ଧର ଆରମ୍ଭ, କିନ୍ତୁ ଧନୁର୍ଦ୍ଧର ବୀର ଅର୍ଜୁନ ଗାଣ୍ଡିବ ଧରି ରଥ ଉପରେ ମ୍ରିୟମାଣ । ଅବଶ ଅନୁଭବ କରୁଛନ୍ତି । କେଇ ହାତ ଜାଗା ପାଇଁ,ରାଜ ମୁକୁଟ ପାଇଁ ମୁଁ କ'ଣ ନିଜର ସହୋଦର ବନ୍ଧୁ ବାନ୍ଧବ ଶିକ୍ଷା ପାଇଥିବା ଗୁରୁମାନଙ୍କ ଉପରକୁ ତୀର ଚଳେଇ ପାରିବି । ବୁଝି ପାରିଛନ୍ତି ଅନ୍ତର୍ଯ୍ୟାମୀ ଶ୍ରୀକୃଷ୍ଣ ଅର୍ଜୁନଙ୍କର ଅନ୍ତରର ବେଦନାକୁ । ଶୁଣେଇଛନ୍ତି କୁରୁକ୍ଷେତ୍ରରେ ଅର୍ଜୁନଙ୍କୁ ଧର୍ମ ,କର୍ମ ଓ କର୍ତ୍ତବ୍ୟ ବିଷୟରେ । ସୃଷ୍ଟି ହୋଇଛି ପୃଥିବୀର ମହାନତମ ଶ୍ରେଷ୍ଠ ଗ୍ରନ୍ଥ ପବିତ୍ର ଗୀତା ଯେଉଁଥିରେ ଜୀବନର ସବୁ ସମସ୍ୟାର ସମାଧାନର ସରଳ ସୂତ୍ର ନିହିତ । ବିଧର୍ମୀ, ଅତ୍ୟାଚାରୀ,କୁକର୍ମୀ ମାନଙ୍କୁ ନିପାତ କରିବା ପାପ ନୁହେଁ, ବରଂ ମହାପୂଣ୍ୟ । ମୋହନ ବଂଶୀଧର ଶ୍ରୀକୃଷ୍ଣଙ୍କ ବାକ୍ୟରେ ଭାଙ୍ଗିଛି ଅର୍ଜୁନଙ୍କର ମୋହ । ପାପି ମାନଙ୍କର ବିନାଶରେ ସାଜିଛନ୍ତି ମାଦ୍ଧମ ମାତ୍ର । ପ୍ରକୃତରେ ଯାହା କରିବା କଥା କରିଛନ୍ତି ସଖା ଶ୍ରୀକୃଷ୍ଣ ପରଦା ପଛରେ । ଭାଗବତ ପରା କୁହନ୍ତି,' କରି କରାଉ ଥାଏ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ,' । ଈଶ୍ୱର ଯାହା ଇଛା କରିବେ, ଯାହା ଚାହିଁବେ ସେଇଆ ହେବ । ମଣିଷ ଜନ୍ମ ଦେଇ ଆମକୁ ପ୍ରଭୁ ପଠେଇଛନ୍ତି ଧରା ଧାମକୁ । ତା ଅର୍ଥ କ'ଣ ଆମେ ଆମର ସମସ୍ତ ସୁଗଣକୁ ଭୁଲିଯାଇ, ଈଶ୍ୱରଙ୍କୁ ଭୁଲିଯାଇ ଅବିବେକି ହୋଇ ମନର କଥାରେ ଯାହା ଚାହିଁବା ସେଇଆ କରିବା । ସେଇଟା କେମିତି ହେବ ? ମୋ ଇଛାରେ ନିଜର କ୍ରୋଧ ଅହମିକାରେ ବଶବର୍ତ୍ତୀ ହୋଇ ଜଣେ ନିରୀହ ମଣିଷକୁ ହତ୍ୟା କରିବି,ଝିଅ ବୋହୁଙ୍କ ଇଜ୍ଜତ ସହିତ ଖେଳିବି, ସେଇଟାତ ପାପ । ଏମିତି କୁକର୍ମ ଜଘନ୍ୟ ଅପରାଧ ଘଟେଇ କହିବି, ଏଇଟା ଈଶ୍ୱରଙ୍କ ଇଛା, କେମିତି ହେବ ? ଏହାର ଫଳ ତ ଭୋଗିବାକୁ ହେବ କାହାରି ମାଦ୍ଧମରେ ଅବା ଈଶ୍ୱରଙ୍କ ନିର୍ଦ୍ଦେଶରେ । ସମାଜର ମଙ୍ଗଳ ପାଇଁ, ଶାନ୍ତି ପାଇଁ, ଅରାଜକତା ସୃଷ୍ଟି କରୁଥିବା ମଣିଷ ମାନଙ୍କୁ ଶିକ୍ଷ୍ୟା ଦେବାକୁ ହେବ ଆବଶ୍ୟକ ଠଙ୍ଗରେ ।ପାପକୁ ବିରୋଧ କର,ପାପୀକୁ ନୁହେଁ । କି କଥା ? ଜଣେ ଜଣକୁ ଜୀବନରୁ ମାରିଦେଲା। ସେହିଟା ପାପ । ସେହି ପାପକୁ ଆମେ ବିରୋଧ କରିବା ଠିକ୍ । କିନ୍ତୁ ଯେ ଏମିତି ନାରକୀୟ କାଣ୍ଡର କାରଣ ସାଜିଲା, ତାକୁ କେମିତି ଛାଡି ଦିଆଯିବ । ଅନ୍ୟାୟ, ଅନିତୀ, ଦୁର୍ନୀତି,ପାପ, ବ୍ୟଭିଚାର ପ୍ରସଙ୍ଗରେ ସାଲିସ୍ କରିବା ଆଦୌ ? ଯଥାର୍ଥ ନୁହେଁ । ଦେଶର ସୀମାରେଖା ଜଗୁଥିବା ଜଣେ ସୈନିକ ଯେତେ ଶତ୍ରୁ ରାଷ୍ଟ୍ରର ସୈନିକ ଙ୍କୁ ମାରିଲେ ବି ସେଇଟା ପାପ ନୁହେଁ , ସେଇଟା ପୂଣ୍ୟ ।ସେଇଟା ତା'ର କର୍ତ୍ତବ୍ୟ । ସେଥିପାଇଁ ସେ ହୁଏ ସମ୍ମାନିତ ଓ ପୁରସ୍କୃତ । କିନ୍ତୁ ସେହି ସୈନିକ ଜଣକ ଯଦି ଘରକୁ ଆସିଥିଲା ବେଳେ କୌଣସି କାରଣରୁ କୌଣସି ଲୋକକୁ ରାଗରଖି ମାରିଦିଏ, ସେଇଟା ପାପ । ସୀମାରେ ଶତ୍ରୁ ପକ୍ଷର ଶହ ଶହ ବିଦେଶୀ ସୈନିକ ଙ୍କୁ ମାରିଲେ ପୁରସ୍କାର, କିନ୍ତୁ କର୍ତ୍ତବ୍ୟ ବାହାରେ ଜଣକୁ ମାରିଲେ ମହାପାପ । ତେଣୁ ପାପ ,ପୂଣ୍ୟ , କର୍ତ୍ତବ୍ୟ ଭିତରେ ଥିବା ମଞ୍ଜିକୁ ଆମକୁ ଭଲ ଭାବରେ ବୁଝିବାକୁ ହେବ। ସମ୍ବିଧାନ ପ୍ରଦତ୍ତ ଆମର ଅଧିକାର ଆମେ ଉପଭୋଗ କରିବା ସହିତ ଦାୟିତ୍ୱ ଓ କର୍ତ୍ତବ୍ୟବୋଧ କୁ ପାଳନ କରିବା ଦରକାର । ଶୋଷଣ, ଅତ୍ୟାଚାର କରି କାହା ଆଖିରୁ ଲୁହଧାର ଗଡଉଥିବା ଅମଣିଷ ମାନଙ୍କୁ ଏକଜୁଟ ହୋଇ ବିରୋଧ କରିବା ଆବଶ୍ୟକ । ଥିଲା ବାଲା ନଥିଲା ବାଲା ଭିତରେ ଥିବା ତାରତମ୍ୟକୁ ଧିରେ ଧିରେ କମେଇବାକୁ ହେବ । କିଛି ଲୋକଙ୍କ ତୁଷ୍ଟିକରଣପାଇଁ ହୀନ ପ୍ରୟାସ କରୁଥିବା ଗୋଷ୍ଠୀଙ୍କୁ ଚିହ୍ନଟ କରି ଅସଲ ବେଳ ଦେଖି ଉଚିତ ଶିକ୍ଷା ଦେବାକୁ ହେବ । ହଜାର ହଜାର ବର୍ଷର ସଭ୍ୟତାକୁ ଶେଷ କରିବାକୁ ମାଇକ୍ ଧରି ଖୁଲମଖୁଲା ଧମକ ଦେଉଥିବା ଲୋକମାନଙ୍କୁ ସେମାନଙ୍କ ଅସଲି ଚେହେରା ଦେଖେଇ ଦେବାକୁ ପଡ଼ିବ । ମୁହଁରେ ନକଲି ହସର ପାଉଡର ମାଖି ଚିତା ଚୈତନ୍ୟ କାଟି ଅଣ୍ଟାରେ ଧାରୁଆ ଛୁରୀ ଧରି ରକ୍ତ ଚାଖିବା ପାଇଁ ସୁଯୋଗ ଅପେକ୍ଷାରେ ଥିବା ଶାଗୁଣା ମାନଙ୍କୁ ଖୋଜି ଖୋଜି ଚିହ୍ନଟ କରି ଉତ୍ତମ ଅସ୍ତ୍ର ?ପଚାରର ବନ୍ଦୋବସ୍ତ ବି ଜରୁରୀ ଏ ମହାନ ସଭ୍ୟତାର ପ୍ରଗତି ପାଇଁ । ଚକଚକ ଦେଖାଯାଉଥିବା ବେଙ୍ଗି ପିତଳ ଆଉ ମିଛ ସୁନା ହରିଣୀ ପଛରେ ଧାଇଁ ଧାଇଁ ହାଲିଆ ହେବାର କିଛି ମାନେ ନାହିଁ । କୌଣସି ପରିସ୍ଥିତିରେ ବି ନିଜର ମୂଳ ଠାରୁ ଆମେ ଦୂରେଇ ଯିବାନି ବରଂ ମୂଳକୁ ଆହୁରି ମଜଭୂତ କରିବା ପାଇଁ ସବୁପ୍ରକାର ଚେଷ୍ଟା କରିବା ଓ ଆମର ଜାଜୁଲ୍ୟମାନ ସଭ୍ୟତାର ବିକାଶ ପାଇଁ ଦରକାର ହେଲେ ନିଜର ଜୀବନକୁ ବାଜି ଲଗାଇବାକୁ ପଛେଇ ଯିବାନି । ସୁସ୍ଥ ସମାଜ ଗଠନ ପାଇଁ , ସୌଭାଗ୍ୟବାନ ଦେଶର ନାଗରିକ ଭାବରେ ଲେଖିବା ନୂଆ ଇତିହାସ ଯେଉଁ ଇତିହାସର ପ୍ରତିଟି ପୃଷ୍ଠାରେ ଥିବ ଆମ ସୁନ୍ଦର ସଭ୍ୟତାର ଗୌରବର ଗାଥା ସହ ସମଗ୍ର ବିଶ୍ୱର ଭବିଷ୍ୟତ ପିଢ଼ି ପାଇଁ ରହିଥିବ ଅଶରନ୍ତି ଶୁଭେଚ୍ଛା ଓ ଶାନ୍ତିର ବାର୍ତ୍ତା ।

ବାସୁଦେବପୁର,ଭଦ୍ରକ
ଦୂରଭାଷ ୯୪୩୭୩୨୦୩୫୦




# ପ୍ରେମ ଓ ସଂସ୍କାର

ଗୋଟିଏ ସମୟର ଘଟଣା । ଦୀପକ ନାମକ ଜଣେ ଯୁବକ ଶ୍ରଦ୍ଧା ନାମକ ଜଣେ ଯୁବତୀଙ୍କୁ ଭଲ ପାଇ ବସିଲେ । କିନ୍ତୁ ଏ ବିଷୟ କିଭଳି ଶ୍ରଦ୍ଧାଙ୍କୁ କହିବେ ଠିକ କରିପାରୁନଥିଲେ । ଶ୍ରଦ୍ଧା ଯେଉଁଠି ଚାକିରୀ କରନ୍ତି ଦୀପକ ମଧ୍ୟ ସେଇ ପାଖାପାଖି ଅଫିସରେ ଚାକିରୀ କରନ୍ତି ।

ଯିବା ଆସିବା ଭିତରେ ପରସ୍ପର ଦେଖା ହେଉଥିଲେ ମଧ୍ୟ କଥାବାର୍ତ୍ତା ହେବାର ସୁଯୋଗ ମିଳେ ନାହିଁ । ତେଣୁ କିପରି ତାଙ୍କ ମନକଥା ଶ୍ରଦ୍ଧାଙ୍କୁ କହିବେ ଏହି ଚିନ୍ତାରେ ଥାଆନ୍ତି । ଦିନେ ଶ୍ରଦ୍ଧା ଅଫିସରୁ ଫେରିବା ସମୟରେ ଗୋଟିଏ ସ୍କୁଟି ତାଙ୍କୁ ବାଡେଇ ଦେଇ ପଳାଇଲା । ଦୀପକଙ୍କ ନଜର ତ ସବୁବେଳେ ଶ୍ରଦ୍ଧାଙ୍କ ଉପରେ ଥାଏ । ତତକ୍ଷଣାତ ଦୌଡ଼ି ଯାଇ ଶ୍ରଦ୍ଧାଙ୍କୁ ଉଠାଇ ଚିକିତ୍ସା ନିମନ୍ତେ ପଦକ୍ଷେପ ନେଇଥିଲେ । ଏହା ପରେ କ୍ରମଶଃ ପରସ୍ପରକୁ ଭଲ ପାଇ ବସିଲେ । ଦୀପକଙ୍କ ଘରେ କେବଳ ବାପା । ମା ବହୁଦିନ ହେବ ପରଲୋକ ଗମନ କରିଛନ୍ତି । ବାପା ମା ଓ ଭାଇଟିଏ କୁ ନେଇ ଶ୍ରଦ୍ଧାର ସଂସାର । ଦୀପକ ଓ ଶ୍ରଦ୍ଧା ବିବାହ ବନ୍ଧନରେ ବାନ୍ଧି ହେଲେ । ବିବାହର ଚତୁର୍ଥୀ ଦିନ ଏକ ସୁସଜ୍ଜିତ ପଲଙ୍କ ଉପରେ ଶ୍ରଦ୍ଧା ବସିଥାଆନ୍ତି । ମନରେ ଅସରନ୍ତି ଭାବନା ଓ ସ୍ୱପ୍ନ । କହିବାକୁ ଗଲେ ଆଉ ଏକ ନୂଆ ଜୀବନ ଆରମ୍ଭ ହେବାକୁ ଯାଉଛି । ବନ୍ଧୁ ବାନ୍ଧବ ବିଦା ହେଲାପରେ ଶ୍ରଦ୍ଧା ଅପେକ୍ଷାରେ ଅଛି କେତେବେଳେ ଦୀପକ ଆସିବେ । କାରଣ ସେତେବେଳେକୁ ଶ୍ରଦ୍ଧାକୁ ଖୁବ ଭୋକ ଲାଗିଲାଣି । ଏହି ସମୟରେ ଦୀପକ ହାତରେ ଏକ ଖାଇବା ଥାଳି ଧରି ଶ୍ରଦ୍ଧା ପାଖରେ ପହଁଚିଲେ । ଥାଳିରେ ବିଭିନ୍ନ ପ୍ରକାର ଖାଦ୍ୟ ଥୁଆ ହୋଇଥିଲା । ଦୀପକ କହିଲେ ଆମେ ମିଶିକରି ଖାଇବା । ଶ୍ରଦ୍ଧା କହିଲା ବାପା ଖାଇଛନ୍ତି କି ନାହିଁ । ଦୀପକ କହିଲେ ହଁ ସିଏ ଖାଇଦେଇଥିବେ ତୁମେ ବ୍ୟସ୍ତ ହୁଅନାହି । ଶ୍ରଦ୍ଧା କହିଲେ ନାହିଁ ନାହିଁ ତୁମେ ବୁଝିକରି ଯଦି ସିଏ ନ ଖାଇଥିବେ ଦେଇ ଆସ ତା ପରେ ଆମେ ଖାଇବା । ମୁଁ କାଲିଠାରୁ ବାପାଙ୍କ କଥା ବୁଝିବି ତୁମକୁ ଆଉ କହିବାକୁ ପଡିବ ନାହିଁ । ଦୀପକ ଟିକେ ଶ୍ରଦ୍ଧା ଉପରେ ବିରକ୍ତି ହୋଇ କହିଲେ କେତେ ଖୁସିରେ ମୁଁ ଖାଦ୍ୟ ନେଇ ଆସିଲି । ପ୍ରଥମରୁ ବିରକ୍ତି କରିବା ଆରମ୍ଭ କରିଦେଲ । ବାପା କଣ ନିଜେ ନେଇ ଖାଇପାରିବେ ନାହିଁ । ଶ୍ରଦ୍ଧାକୁ ଏ କଥା ଭଲ ଲାଗିଲା ନାହିଁ । ଶ୍ରଦ୍ଧା ଭାବିଲେ ଘରେ କେବଳ ବାପା ଅଛନ୍ତି । ଦୀପଙ୍କର ଏପରି ଭାବନା ଠିକ ନୁହେଁ । ବାପା କଣ ଭାବିବେ ବୋହୁଟିଏ ଆସୁ ଆସୁ ପୁଅ ସାଙ୍ଗେ ସାଙ୍ଗେ ବଦଳିଗଲେ ।ତେବେ ଏହି କଥାକୁ ନେଇ ଦୁଇଜଣଙ୍କର ଯୁକ୍ତିତର୍କ ଆରମ୍ଭ ହୋଇଗଲା । କଥା ଏପରି ହେଲା ଯେ ଶ୍ରଦ୍ଧା କହିଲେ ତୁମର ସଂସ୍କାର ଏପରି ଜାଣିଥିଲେ ମୁଁ କଦାପି ତୁମକୁ ଗ୍ରହଣ କରି ନଥାଆନ୍ତି । ଏହା କହି ଶ୍ରଦ୍ଧା ଯାଇ ବାପାଙ୍କୁ ଖୁଆଇ ଚୁପ ଚାପ ଆସି ଶୋଇପଡିଲେ । ପରଦିନ ସକାଳୁ ଉଠି ଦୀପକକୁ କହିଲେ


ପୂର୍ଣ୍ଣଚନ୍ଦ୍ର ବହଳୀ

ତୁମ ସହ ଜୀବନ ବିତାଇବା ସମ୍ଭବ ନୁହେଁ । ଏହା କହି ବାପ ଘରକୁ ପଳାଇଲେ । ଚିରଦିନ ଦୀପକ ସହ ସମ୍ପର୍କ ତୁଟାଇଦେଲେ । ଶ୍ରଦ୍ଧା ଏହାପରେ ନିୟମିତ ଚାକିରୀ କରିବାକୁ ଯାଆନ୍ତି । ସେଇ ଯିବା ଆସିବା ଭିତରେ ଗୋଟିଏ ଯୁବକ ସହ ତାଙ୍କର ସମ୍ପର୍କ ବଢିଲା । ଯୁବକ ଜଣକ ଶ୍ରଦ୍ଧା ଠାରୁ ସମସ୍ତ ବିଷୟ ଶୁଣିଲା ପରେ ଭାବିଲେ ଏହି ଝିଅ ହିଁ ଘର ଓଁ ମୋ ପାଇଁ ଉପଯୁକ୍ତ । ଏହାପରେ ସେମାନେ ବିବାହ ବନ୍ଧନରେ ଆବଦ୍ଧ ହେଲେ । ସେମାନଙ୍କ ସଂସାର ହସ ଖୁସିରେ ଗତି କରିଲା ଇତିମଧ୍ୟରେ ସେମାନଙ୍କ ପିଲା ବଡ଼ ହୋଇଯାଇଛନ୍ତି । ପିଲାମାନେ ମା ର ପ୍ରଥମ ବିବାହର କାହାଣୀ ଶୁଣି ଗର୍ବିତ ହୋଇଛନ୍ତି ଯେ ଆମ ମା ଭଳି ମା କେହି ନାହାନ୍ତି । ଦିନେ ପିଲାମାନେ ବୁଲିଯିବାକୁ ଚାହିଁଲେ । ଶ୍ରଦ୍ଧା କହିଲେ ନା ନା ତୁମେମାନେ ଯାଅ । ଅନ୍ୟ ସମୟରେ କେତେବେଳେ ଯିବା । ପିଲାମାନେ ବାଧ କରି ବାପା ମାଙ୍କୁ ସଙ୍ଗରେ ନେଇ ବୁଲି ବାହାରିଲେ । କିଛି ବାଟ ଗଲା ପରେ ଏକ ବୃଦ୍ଧ ବ୍ୟକ୍ତିଙ୍କୁ ରାସ୍ତା କଡରେ ଛିଡା ହୋଇ ଭିକ ମାଗୁଥିବାର ଦେଖିଲେ । ବୃଦ୍ଧ ବ୍ୟକ୍ତିଚିହ୍ନା ଚିହ୍ନା ଲାଗିଲା । ସେ ଗାଡି ରଖିବାକୁ କହି ଓହ୍ଲେଇ ସେ ବୃଦ୍ଧ ବ୍ୟକ୍ତି ପାଖକୁ ଗଲେ । ଶ୍ରଦ୍ଧା ଚିହ୍ନି ପାରି ପଚାରିଲେ ଆପଣ ଦୀପକଙ୍କ ବାପା ନା । ସେ କହିଲେ ହଁ, ମା ତୁ କିଏ । ଶ୍ରଦ୍ଧା ନିଜ ପରିଚୟ ଦେଲା ପରେ ବୃଦ୍ଧ ଜଣକ କାନ୍ଦି ପକାଇଲେ । କହିଲେ ମା ତୁ ଆସିବା ପରେ ସେ ଆଉ ଗୋଟେ ବିବାହ କରି ସବୁ ବିକ୍ରି କରି ମୋତେ ଏକା ଛାଡିଦେଇ ଏବେ ବାହାରେ ରହୁଛି । ମୁଁ ଏଇ ଭିକ ମାଗି ଯାହା ମିଳୁଛି ଗଣ୍ଡେ ଖାଇପିଇ ବଞ୍ଚୁଛି କହି ଜୋରରେ କାନ୍ଦିଲେ ।

ଶ୍ରଦ୍ଧା କହିଲେ ଦେଖନ୍ତୁ ଆପଣ ମୋ ବାପା ଭଳି । ମୁଁ ସେ ଦିନ ଦୀପକଙ୍କୁ ଛାଡି ଆସି ନ ଥିଲେ ମୋ ପିଲା ବି କିଭଳି ହୋଇଥାନ୍ତେ ମୁଁ କହିପାରୁ ନାହିଁ । କିନ୍ତୁ ମୋ ନିଷ୍ପତ୍ତି ତାଙ୍କୁ ଏପରି ପ୍ରଭାବିତ କରିଛି ଯେ ଖାଇବା ଠାରୁ ବୁଲିବା ପର୍ଯ୍ୟନ୍ତ ସବୁବେଳେ ବାପା ମା ହିଁ ତାଙ୍କର ସବୁ କିଛି ଓ ମୋ ପିଲାଙ୍କୁ ନେଇ ମୁଁ ଗର୍ବିତ ।

ଆପଣ ଚାଲନ୍ତୁ ମୋ ସଙ୍ଗରେ । ଆମର ଏକ ଛୋଟ ରୁମ ଅଛି । ସେଇଠାରେ ହିଁ ଆପଣ ସବୁଦିନେ ରହିବେ । ଏହାପରେ ପିଲାମାନଙ୍କୁ ବୁଲିବାକୁ ଯିବାକୁ କହି ବୃଦ୍ଧଙ୍କୁ ଧରି ଘରକୁ ଫେରିଆସିଲେ..... ।

ଭଦ୍ରକ

ମୋ :୯୮୬୧୪୪୨୦୦

# ନଈରେ ଭାସୁଛି ଦୁଃଖ

ନଈ ର ଆର ପାଖ ରେ ଛୋଟ ଗାଁ ଟିଏ। ସେ ଗାଁ ରେ ବାସ କରନ୍ତି ମଧୁଆ ଧୀବର। ପେଷାରେ ନଦୀ ଘାଟରେ ଡଙ୍ଗା ବାହି ଲୋକଙ୍କୁ ପାର କରିବା । ମଦୁଆ ର ପରିବାର କହିଲେ ସ୍ତ୍ରୀ ଆଉ ଗୋଟିଏ ବୋଲି ଝିଅ ମୀନୁ । ମାତ୍ର ବୟସ ତାର ବାର ବର୍ଷ। କିନ୍ତୁ ସ୍ତ୍ରୀ କେବେ ଠାରୁ ଆର ପାରି କୁ ଚାଲିଯାଇଛନ୍ତି ।

ମଧୁଆ ପରିବାର ବଡ ଦୁଃଖ ଦୁର୍ଦ୍ଦଶାରେ ଦିନ କାଟନ୍ତି । ଚାଳ ଛପର ଘର ଚାରିକାନ୍ଥ ମାଟି ଏଇ ଯେମିତି ଦୁଃଖ ଗୁଡିକ କହିଦଉଥିଲା ଦୁଃଖ ରେ ଭୋକ ତ ଏମିତି ହିଁ ଆସେ ।

ଦୁଃଖ ତ ଏମିତି ସୁଅ
ଭସେଇ ନିଏ ମନକୁ ମୋର
ବେଦନା ସହିବା ଜାର ଅଭ୍ୟାସ
ଦୁଃଖ କେମିତି ନ ସହିବ .....

ମଧୁଆ ପ୍ରତିଦିନ ନଈ କୂଳରେ ଡଙ୍ଗା ଧରି ଅପେକ୍ଷା କରିଥାଏ । କେତେବେଳେ ଆସିବେ ଲୋକେ ନଈ ପାର ହେବା ପାଇଁ । କିଛି ପଇସା ମିଳିଗଲେ ଘର କୁ ନେବ ଓ ମୀନୁ ତା ବାଟକୁ ଅପେକ୍ଷା କରିଥିବ। ଝିଅ ଟି ମୋର ସକାଳ ପ୍ରହରୁ କିଛି ଖାଇ ନଥିବ । ଆସି ଦୁଇଟା ସମୟ ହେଲାଣି । ଘରେବି ସେମିତି କିଛି ଖାଇବା ପାଇଁ ନାହିଁ । ହେ ଭଗବାନ୍ ଏ କି ଦୁଃଖ ର ପରୀକ୍ଷା ନଉଛ

ଗରିବ ଆଶା ଆଶାରେ
ମରେ
ଜୀବନ ଲାଳଶା
ଲାଳଶାରେସରେ
ମନ କହୁଛି ଅପେକ୍ଷା କର ତୁମେ
ମିଳି ଯିବ ଏଇ ଆସୁଛି
ସତେ......

ଗୋଟିଏ ଲୋକ ଏ ପର୍ଯ୍ୟନ୍ତ ନଈ ପାର ହୋଇନାହାନ୍ତି। କ'ଣ କରିବି। ମୀନୁ କେମିତି ଥିବ ।

ଘରେ ମୀନୁ ଭୋକ ସହି ନପାରି ଭାତ ହାଣ୍ଡି ଚାମୁଡି ଦେଖିଲା କିଛି ଭାତ ନାହିଁ । ମୀନୁ କହିଲା ଏ ଦୁଃଖ ଭରା ଘରଟି କେମିତି ଭୋକ ରେ ମାରୁଛି । ଏ ଦୋଷ ଘରର ନୁହଁ ଏ ଦୋଷ ମୋ ଭାଗ୍ୟ ର ।

ମୀନୁ ଭୋକ ସହି ନପାରି ନଈ ଘାଟ ରେ ବାପାଙ୍କ ପାଖରେ ପହଞ୍ଚିଲା। ମଧୁଆ ମୀନୁ କୁ ଦେଖି ଲୋହ ଭରା ଆଖି ଦୁଇଟି ଛଳ ଛଳ ହୋଇ କହିଲା 'ମା' ମୀନୁ ଆଜି କିଛି ରୋଜଗାର ହେଇ ନାହିଁ । ମୀନୁ ବାପାଙ୍କ ଆଖି ରୁ ଲୋହ ପୋଛି ଦେଇ କହିଲା ବାପା ଦୋଷ ଆମର ନୁହଁ ଏ ଦୋଷ ନଈର ।

ମୀନୁ ନଈ କୂଳେ ବସି ହାତ ରେ ପାଣି କୁ ହଲାଇ 'ଭାସି ଯା ମୋ ଦୁଃଖ' 'ଭାସି ଯା ମୋ ଭୋକ' 'ଭାସି ଯା ମୋ ଗରିବ' ' ଭାସି ଯା ମୋ ଭୋକ ସହି ଯାଉଥିବା ବେଦନା' ଭାସି ଯା ମୋ ଜୀବନ ଦୁଃଖ ' ନଈରେ... ଭାତ ଖା , ଡାଲି ଖା , ଖିରି ଖା , ଖାରେ... ନଈ ତୁ.... ସବୁ ଖା

ଭସେଇ ନେ ରେ ଯେତେ
ସୁଖ
ଲେଖି ଦେଇଛୁ ମୋ କରମେ
ଦୁଃଖ

ମୀନୁ ନଈ କୂଳରେ କହୁ କହୁ ଗୋଟିଏ ଲୋକ ଆସି ପହଞ୍ଚିଲା ନଈ ପାର ହେବାକୁ


ଦୁଷ୍ମନ୍ତ ବେହେରା

ମୀନୁକୁ ତା ବାପା ଡାକିଲେ ଜଣେ ଲୋକ ଆସିଛନ୍ତି। ନଈ ପାର ହେବା ପାଇଁ ।

ହଉରେ ନଈ ଏତେ
ବେଳେ ମୋ ଦୁଃଖ ଶୁଣିଲୁ
ଦୁଃଖ ଶୁଣିଲୁ ମନ ଶୁଣିଲୁ
ଶୁଣିଲୁ ମୋ ଭାଷାକୁ
ବୁଝିବା ଆଗରୁ ଡେରି
ହୋଇଯାଏ
ମୋ ପରିସ୍ଥିତି ବେଳକୁ ....

ନଈ ଆର କୂଳରେ ପହଞ୍ଚିଲା ଡଙ୍ଗା। ଲୋକ ଜଣ କ ଦଶ ଟଙ୍କା ଦେଇ ଚାଲିଗଲା ।

ମୀନୁ ଦେଖି ପୁଣି ନଈ କୂଳ ପାଖକୁ ଧାଇଁ ଯାଇ ହାତ ରେ ପାଣିକୁ ହଲାଇ କହିଲା

ଦେଲୁ ଏତିକି ଟିକିଏ ସୁଖ
ବଞ୍ଚିଲା ବେଳକୁ ଲାଗୁଛି
ଦୁଃଖ...
ହଉରେ ନଈ !
'ଭସେଇ ନେ ମୋ ସୁଖ '
'ଭସେଇ ନେ ମୋ ହସ ' '
ଭସେଇ ନେ ମୋ ମନ' '
ଜୀବନ ଟିକକ ଦେଲୁ ଯାହା
କରମେ ସୁଖ ଭସେଇ ନେ ମୋ
କରମେ ଦୁଃଖ '। ପାଠ ମୁଁ
କେମିତି ପଢିବି କହ ତାକୁ
ଭସେଇ ନେ ମୋ ଶିକ୍ଷିତ ଗୁଣ

। ଏ କଥା କହୁ କହୁ ନଈ ଆର ପାଖରେ ପୁଣି ଜଣେ ଲୋକ ଡାକିଲା ଡଙ୍ଗା ଆଣ । ହଉ 'ମା' ମୁଁ ଡଙ୍ଗା ଆର ପାଖକୁ ନଉଛି । ମୁଁ ଆସିଲେ ଘରକୁ ଯିବା । ଏ କୂଳ ରୁ ଆର କୂଳକୁ ଲୋକଟି ପହଞ୍ଚିଲା। ଲୋକ ଜଣକ ଦଶ ଟଙ୍କା ଦେଲା । ମୀନୁ ଏହା ଦେଖି କହିଲା ହଉରେ ନଈ ତୁ ମୋ ଦୁଃଖ ବୁଝିଲୁ ହେଲେ ମୋ ଜୀବନ ସୁଖ ବୁଝି ପାରିଲୁ ନାହିଁ

ଦେଖିଲି ତଟେରେ ଯାଉଛୁ
ବହି
ଭସେଇ ନେଉଛୁ ଦୁଃଖ
ତୋର ଯୌବନ ଫୁଟୁଛି ଏଠି
ମୋ ଯୌବନ ଯାଉଛି ସେଠି
...

ମଧୁଆ ଡାକିଲା 'ମା' ମୀନୁ ଆଜି ଆମର କୁଡିଏ ଟଙ୍କା ହୋଇଛି । ଆଜି ର ଦିନଟି ଭୋକ କଷ୍ଟେ ମଷ୍ଟେ ମେଣ୍ଟି ଯିବା ।

ଆରେ 'ମା'
ଦୁନିଆ ରେ ସମୟର
ନଈ ବୋହିଯାଏ
ଏ କୂଳ ଭାଙ୍ଗି କେବେ
ଆର କୂଳ ଗଢି ଦିଏ
ପୁଣି ଦୁଇ କୂଳ କେବେ ଖାଏ
ଦୁନିଆ ର ସମୟ ରେ
ନଈ ରେ ଦୁଃଖ ବୋହିଯାଏ
ଏ କୂଳେ ରଜନୀ ପାହେତ
ସେ କୂଳେ ଦିନର ସମୟ
ଖେଳେ....

ମୀନୁ କହିଲା ହଉରେ ନଈ ଏ ତୋ ଆମର ନିତିଦିନିଆ ଦୁଃଖ ତୁ କି ବୁଝିବୁ ମନର ସୁଖ । ତୁ ଏମିତି ଭାସି ଯାଉଥା ।

ରାସୋଳ-ମୁଣ୍ଡିଆପକ୍ଷି

ଢେଙ୍କାନାଳ

ପିନ୍-୭୫୯୦୨୧

ମୋ ନଂ-୬୩୭୨୨୨୬୭୨୨

# ନର ସଂହାର

*ସୁଚରିତା ମହାନ୍ତି*



ସମୟ କୁ ପିଠି କରି ଠିଆ ହେବାକୁ
ନିଷ୍ପତ୍ତି ନେଲି
ଆଉ ଫେରି ଚାହିଁବିନି
ଦେଖି ପାରିବିନି ସେମାନଙ୍କ ରକ୍ତ
ଜୁଡୁବୁଡୁ
କ୍ଷତ ବିକ୍ଷତ ଶରୀର ।
ତମ କୋଳାହଳ ଭିତରେ
ଏତେ ନୃଶଂସ ପଣ କାହିଁକି !!
ଝଲମଲ ଆଲୋକ ମାଳା
ମଦ ମାଂସ ର ଆସର ଭିତରେ
ଭୁଲିଯାଅ ନିଜର ନିଜସ୍ୱ
କେଇଟା ମୁହୂର୍ତ୍ତ ପାଇଁ
ବଦଳି ଯାଏ ସବୁ ଭାବ ଭଙ୍ଗୀ
ତା'ରି ଭିତରେ କେତେ ଯେ ଜୀବନ
ଦଳିମକଚି ଯାଏ
କିଏ କେବେ ଭାବିଚ କି ସେମାନଙ୍କ
କଥା ?
ଠିକ୍ ଅଛି
ତମେ ତମ ନୃଶଂସତା ର ପରିଚୟ ଦିଅ
କିଏ ନାହିଁ କଲା
ମୋତେ କିନ୍ତୁ ବାଧ କର ନାହିଁ
ଆଉ ଥରେ ପଛକୁ ଫେରି ଚାହିଁବାକୁ ॥
ମୁଁ ଦେଖିପାରିବିନି ତମର ସେ
ନର ସଂହାର ରୂପକୁ
ଯାହା ପ୍ରତିକ୍ଷଣେ ହତ୍ୟା କରେ
ମୋ ଆତ୍ମସତ୍ତାକୁ ॥

*ମାହାଙ୍ଗା, କଟକ*

*ମୋ : ୮୯୧୭୫୭୧୨୦୨*

# ଶୀତର ଶାଣରେ ଧରା

*ଅନସୂୟା ପଣ୍ଡା*



ଶୀତ ଆସିଛି ଧରାରେ
ବିଷାଦର ଦରିଆ ତୁଠରେ
ବତୁରିଛି ଗଞ୍ଜଣାରେ
ବସ୍ତିର ବିସ୍ତାରିତ ରାତି।
ମୋଟା କମଳ ଭିତରେ
ଥରେଇ ଦେଉଥିବା ଶୀତ
କ'ଣ ମାନୁଥିବ ପଲିଥିନ ଘେର
ପୁଣି ଆଜବେଷ୍ଟସର ଛାତ।
ଷ୍ଟେସନରେ ପିଠେଇ ନେଉଛି
ସର୍ବହରାଟି ଶୀତର ଶାଣରେ
ଅଣଚଉଡା ଗାମୁଛାରେ
ବସଷ୍ଟାଣ୍ଡର ବାରଣ୍ଡାରେ
ସେମିତି ଜାକିଜୁକି ଶୋଇଛି।
ଶୀତ ମୁକୁଳା ବୁଲୁଛି
ଯୋଜନାର ଦୋହଦ କମଳ
ସେବା ଉପହାର ବାଣ୍ଟିବାରେ ବି
କାହା ରାଜଉଆସରେ ପ୍ରୀତି
କାହାକୁ ନିର୍ମକ କରି ସଞ୍ଚାରିଛି ଭୀତି।
ଶୀତ ଆସିଛି ଋତୁଚକ୍ରରେ
ଚାଷୀର ଫସଲ ପ୍ରସ୍ତୁତିରେ
ଦୁର୍ବାଦଳର କାକର ଡିନ୍ତା ସାନିଧ୍ୟରେ
ଉପଭୋଗ୍ୟ ପଲ୍ଲୀ ଜୀବନରେ
ବିଳାସୀ ବସନ୍ତର ସ୍ୱାଗତିକାରେ।

*ବୁର୍ଲା, ସମ୍ବଲପୁର, ୭୬୮୦୧୮*

*ମୋ:-୯୪୩୯୨୧୧୯୭୧*

# ନିଃସଙ୍ଗତାର ନିର୍ଝରିଣୀ

*ଡଃ ରଶ୍ମିରଞ୍ଜନ ସ୍ୱାଇଁ*



ନିଃସଙ୍ଗତାର ନିଝରଣୀ
ବହୁଅଛି ଧୀରେ,
ବାସ୍ତବିକତା ଠୁ ବହୁ ଦୂରେ ।
ସର୍ବଦା ପ୍ରକୃତିସ୍ଥ ମନ
ଆଜି ସ୍ୱପ୍ନ ରାଇଜରେ।
ନା ଚପଳତା ନା
ଅଛି ଚଂଚଳତା
ଶୁଷ୍କ ପଲ୍ଲବ ପ୍ରାୟ ମନ,
ଖୋଜେ ନିର୍ଜନତା ॥
ହୃଦୟ ସାଜିଛି ଆଜି ଭଙ୍ଗୁର ପାଷାଣ,
ଶାନ୍ତି ର ସନ୍ଧାନ ନୁହେଁ ଏହା ର କାରଣ॥
ମନ ନୁହେଁ ଭୟାତୁର,ଗ୍ଲାନି ଜର୍ଜରିତ
ବାଷ୍ପରୁଦ୍ଧ କଣ୍ଠ ଆଉ ହୃଦୟ ବ୍ୟଥିତ॥
ପ୍ରତିଦ୍ୱନ୍ଦ୍ୱୀ ଧରା ଦେଖି ମନ
ଭୟାତୁର ପରା,
ଅଦମ୍ୟ - ବୋଧଗମ୍ୟ ମନ
ବିଷର୍ଣ୍ଣରେ ଭରା ॥
ଶିରସ୍ତ୍ରାଣ ସ୍ଫୂର୍ତ୍ତ ମନେ ଆଜି
କବାଜଇ ଦୁନ୍ଦୁଭି,
ଆକାଂକ୍ଷିତ ଅନ୍ତର୍ଭେଦି ଦୃଷ୍ଟି ସାଜିବ ପ୍ରଭାବି।
ଏଇ ନିର୍ଝରିଣୀ ଦିନେ ହେବ ସମୁଦ୍ରରେ
ବିଲୀନ,
ନୈସର୍ଗିକ ସଂସର୍ଗ ର ହେବ ଆଗମନ॥

*ବାଲେଶ୍ୱର*

# ଚିତ୍ରକର

*ସୁଧାକର ରାଉତ*



କିଏ ସେହି ଚିତ୍ରକର
ଏ ଛବି ଟି ଆଙ୍କି
କଳା ନିପୁଣତା
ଦେଇ ଅଛି ଢାଙ୍କି ।
ସାଧାରଣ ରୂପ ମନ
ଆନ୍‌ଦୋଳିତ କରେ
ଦୁନିଆ ଅନ୍ଧାର ଆଗେ
ଆଲୋକ କୁ ଧରେ ।
ଆଖିରେ ଦେଇଛି ଭରି
ସାତରଙ୍ଗୀ ସ୍ୱପ୍ନ
ନାନା ବିଧ ଭାବନାରେ
ହୃଦୟଟା ମଗ୍ନ ।
ନିର୍ବାକ ଓଠରେ ଲୁଚି
ଅସରନ୍ତି ଗାଥା
ଭାବ ବ୍ୟକ୍ତ ନକରି ସେ
ଲଭେ କେତେ ବ୍ୟଥା ।
ଛନ୍ଦାୟିତ ପାଦ ଦ୍ୱୟ
ନୂପୁରର ସ୍ୱରେ
ଅଚଳେ ବି ଚଳମାନ
ପରି ଶବ୍ଦ କରେ ।
ସର୍ବ ସୌନ୍ଦର୍ଯ୍ୟ ମିଶ୍ରଣେ
ଶରୀରର କାନ୍ତି
ଅପ୍ସରା ମୁଦ୍ରା ସୃଷ୍ଟି ରେ
ମନେ ଦ୍ୟନ୍ତି ଭ୍ରାନ୍ତି ।
ଜୀବନ୍ୟାସ ନପାଇବି
ଜୀବନ୍ତ ର ରୂପ
ଅଦ୍ଭୁତ ତୂଳୀକା ସ୍ପର୍ଶ ?
ମୁକ୍ତ ତାର ଶାପ ।
କାବ୍ୟର ନାୟିକା ସମ
ତାର ପ୍ରତି ଅଙ୍ଗ
ଜୀବନ୍ତ ତରୁଣୀ ଙ୍କୁ ସେ
କରେ ସତେ ବ୍ୟଙ୍ଗ ।
ଧନ୍ୟ ତୁମେ ଚିତ୍ର ଶିଳ୍ପୀ
ଧନ୍ୟ ତୁମ କଳା
ତୁମ ପ୍ରକୃତି ଲମ୍ୱିଛି
ହୋଇ ତୁମ ମାଳା ।

*ପ୍ରତାପ ନଗରୀ, କଟକ*

*ମୋ -୭୨୪୯୯୩୨୭୯୨*

# ବଣଭୋଜି ମଜା ନାହିଁ

*ସୁନୀଲ କୁମାର ପ୍ରଧାନ*



ବଣ ଭୋଜିରେ ମୋ ଆଉ ଖୁସି ନାହିଁ
ଲାଗୁଥିଲା ଭାରି ମଜା
ସାଙ୍ଗ ସାଥି ମେଳେ ଗାଆଁ ପାହାଡ଼ରେ
ଭୋଜି ପାଇଁ ହୁଏ ସଜା ।
ଜଙ୍ଗଲ ଜାଳେଣୀ ଝରଣାର ପାଣି
ମୋ ଗାଆଁ ପନିପରିବା
ହସ ଖୁସି ମେଳେ ଜେଜେଙ୍କର ଗପ
ସେ ଆନନ୍ଦ କି ପାଇବା ।
ପରିବାର ମିଶି କଲେ ମଧ୍ୟ ଭୋଜି
ଆଗଭଳି ମଜା ନାହିଁ
ଏହି ସ୍ମାର୍ଟ ଫୋନ୍ ଆସିଲା ଦିନରୁ
ଖୁସି ନେଲା ସେ ଛଡାଇ ।
ବଣଭୋଜି ମଜା ବଣରେ ରହିଲା
ଜଙ୍ଗଲ ହୋଇଲା ଧ୍ୱଂସ
ସେହି ଦିନ ଆଉ ଆସିବ କି ଭାଇ
ହୋଇବା ଆମେ ହରଷ ।
ସମୟ ସୁଅରେ ଚାଲିବାକୁ ହୁଏ
ସ୍ମୃତି ଯାଉ ଥାଏ ହଜି
ସେହି ସ୍ମୃତି ଯେବେ ମନେ ପଡ଼ିଯାଏ
ଲେଖୁଛି କବିତା ଆଜି ।

*ଝାଟିପଦର , ପାଲୁର , ଗଂଜାମ*

*ମୋ - ୭୬୦୯୯୩୪୩୬୬*

# ସ୍ମୃତି ଆସେ ନିଃଶବ୍ଦରେ

*ରତ୍ନକାନ୍ତି ମିଶ୍ର*



ଭସା ବାଦଲଟେ ପରି
ସ୍ମୃତି ବୁଲୁଥାଏ ଘୁରି
ଶିରି ଶିରି ମୁକୁଳା ପବନେ,
ଲଗାଇ ପ୍ରାଣରେ ମୋହ
ବାସେ କେବେ ମହମହ
ଝରିପଡେ ମନର ଅରଣ୍ୟେ ॥
ସାଉଁଟି ନିଏ ସରାଗେ
ଅତି ଆପଣାର ଲାଗେ
କେଉଁ ଏକ ନିରୋଳା ମୁହୂର୍ତ୍ତ ?,
କେବେ ସ୍ମୃତି ହଜୁଥାଏ
ମନକୁ ମୋ ପୁଣି ଛୁଏଁ
ପ୍ରୀତି ବରଷାରେ ଛନ୍ଦପାତେ ॥
ଅନୁଭବେ ସେଇ ଶବ୍ଦ
କରେ ମୋତେ ମନ୍ତ୍ରମୁଗ୍ଧ
ସ୍ୱର ତୋଳେ ଉଦୟ ରାଗରେ,
ସ୍ମୃତି କେବେ ଅବଶୋଷେ
ଚାଲେ ମୋର ପାଶେ ପାଶେ
ପତ୍ର ଝଡା ଶୂନ୍ୟ ବିଥିକାରେ ॥
ଏକାନ୍ତ କରେ ବ୍ୟଥିତ
ଅଧିର ମନ ଅବ୍ୟକ୍ତ
ବିଷାକ୍ତ ଲାଗଇ ସସାଗରା ,
ଅତୀତର ମିଠା ସ୍ମୃତି
ଉଚ୍ଚାଟେ ଆସଇ କତି
ଆବେଶେ କୋଳେଇ ନିଏ ପରା ॥
ପୁଲକିତ ଫଗୁଣରେ
ମଧୁପ ର ଗୁଞ୍ଜନରେ
ତୁମ ସ୍ମୃତି ଆସେ ନିଃଶବ୍ଦରେ
ମନ ମୋର ଉଠେ ଜାଗି
ସ୍ନିଗଧ ପରଶ ମାଗି
ଶବ୍ଦ କିଛି ଭରେ କବିତାରେ ॥

*ଆଳି, କେନ୍ଦ୍ରାପଡା*

# ମନେ ପଡେ ଘର ଡାଲମା

*ଜଗଦୀଶ ପଣ୍ଡା*



ଘରଠୁ ଦୂରେ ଦୂର ସହରେ
ଛୁଟିଦିନର ଦ୍ୱିପହରେ
ହଷ୍ଟେଲର ଖାଦ୍ୟ ଖାଉ ଖାଉ
ମନେ ପଡେ ଘର ଡାଲମା
ସକାଳୁ ସକାଳୁ ତଟକା ପରିବା
କୁଡା ହୁଏରେ ପାହାଡ଼ ପରିକା
ରୋଷେଇ ଘରର ରୂପ ବଦଳେ
ପନିପରିବାର ସମ୍ଭାର ଲାଗିଲେ
ଜଣାପଡେ ଆଜି ମା କ'ଣ ରାନ୍ଧିବେ
ଡାଲମା ହେବ ବୋଧେ ନିଶ୍ଚିତ ଭାବେ
କଦଳୀ ନଡ଼ିଆ ଛଟା କଖାରୁ
ବାଡି ବାଇଗଣ ସଙ୍ଗେ ସାରୁ
ସେଥିରେ ପଡେରେ ଦେଶୀଆଳୁ
ଅନ୍ୟାନ୍ୟ ପନିପରିବା ସକାଳୁ
ଡାଲିଟା ପକେଇ ହେଙ୍ଗୁ ଟିକେ ଦେଇ
ଛୁଙ୍କ ଦିଏରେ ଡାଙ୍କୁଣି ହଟେଇ
ଗୁଆ ଘିଅ ଛୁଙ୍କ ବାଜିଲେ ନାକରେ
ଡାଲମାର ମହକ ଖେଳେ ଘରେ
ଟିକେ ଶୁଙ୍ଘିଦେଲେ ପେଟ ପୁରେ
ତା ବାସ୍ନାରେ ମନରେ ଲୋଭ ଆସେ
ଲେମ୍ବୁ ଲଙ୍କା ଧରି ପ୍ରଥମରେ ବସେ
ଶାଗ ଟିକେ ଥିଲେ ସ୍ୱାଦ ବଢିଯାଏ
ଖାଇଦେଲେ ଆତ୍ମା ତୃପ୍ତି ହୋଇଯାଏ
ଦୂରେ ରହି ସେ ଖାଇବା ଝୁରୁଛି
ନିଜ ହାତ ରନ୍ଧାରେ କି ପେଟ ପୁରୁଛି
କି ଲେଖିବି ଆଉ ଡାଲମାର କଥା
ଭାବିଦେଲେ ଓଠରେ ପାଣି ଆସିଗଲା।

*ଅଲାଡିଗାଁ, ଗଂଜାମ*

*ମୋ:- ୬୩୭୧୨୭୮୧୬୩*

# ସ୍ୱାଭିମାନ

*ସୁଦର୍ଶନ ମହାପାତ୍ର*



ଖଣ୍ଡେ କୁଟାକୁ ଦିଖଣ୍ଡ କରୁନଥିବା
ଲୋକ ହିଁ ତ ଏବେ ସର୍ବେସର୍ବା
ଆମେ ସବୁ ଯେତେ ଆଜ୍ଞାଧୀନ
ତୁମ ଆଜ୍ଞାକୁ ଚିରକାଳ
ଆମେ କରିନୁ ଅବଜ୍ଞା
ତୁମ ଔଦ୍ଧତ୍ୟର ନିଆଁରେ ଆମେ ଜଳୁଛୁ
ତୁମ ଘୃଣାରେ ଆମେ ସଢୁଛୁ
ଆମପାଇଁ ଅବୁଝା ଏଯାବତ
ଜୀବନର ତାତ୍ତ୍ୱିକ ସଂଜ୍ଞା
ସହଜରେ
ସଭିଙ୍କ ନଜରରେ ପଡେ
ଜଳୁଥିବା ଆମ ତୋରା ମୁହଁ
କିନ୍ତୁ ଦୃଶ୍ୟ ହୁଏନି
ଛାତିରେ ଘାଉଁରି ଖାଉଥିବା
ଅକୁହା କଥାର କୋହ
ଆଖିକୋଣେ
ଉଜେଇ ଯାଉଥିବା ଲୁହ
ଶଠତାର ଦାଆରେ ଆମକୁ
ଯେତେ ଲହୁ ଲୁହାଣ କରୁଛ କର
କିନ୍ତୁ ମାଟିକୁ ଆଶ୍ରା କରି
ରହିଛି ଆମ ଚେର
ପଙ୍କକୁ ଚନ୍ଦନ ମଣୁଥିବା
ମଳିମୁଣ୍ଡିଆଙ୍କୁ
ଉତଖାତ କରିପାରିବ
ଏପରି ସାଧ୍ୟ ଅଛି କା'ର... ???

*କୁଞ୍ଜବିହାରୀ ଲେନ, କଟକ*

# ତୁମେ ଗଲାପରେ

*ରାହାସ କୁମାର ବେହେରା*

ମନ ଅଗଣାରେ ରୂପସୀ ଚନ୍ଦ୍ରମା
ମୁରିକି ମୁରୁକି ହସୁଛି
ଭଲପାଏ ବୋଲି ଫୁଲଟିଏ ଧରି
ଫୁଲେଇ ଗେଲେଇ ହେଉଛି ॥
ହେଲେ ଫୁଲେ କଣ୍ଟା,ସବୁଜ ଗହନେ
ଅନେକ ବାରତା ରହିଛି
କାଳେ କାଳେ ଦୁଃଖ ଅବଶୋସ କହି
ମୋଠାରୁ ଦୂରେଇ ଯାଉଛି ॥
ତଥାପି ଅବୁଝା ବେଦନାକୁ ଚାପି
ତା'ପାଇଁ ଯେ ଘର ତଳୁଛି
ସଂଜହେଲେ ନିତି ତା' ଗୁଣ ବାହୁନି
ଜୀବନ ସଙ୍ଗୀତ ଗାଉଛି ॥
ବଂଚିବା ନାଆଁରେ ଲୁହ ପୋଛୁ ପୋଛୁ
କାଲି କଥା ଯେବେ ଭାବୁଛି
ଏକା ଏକା ବସି ବିଜନ ବେଳାରେ
ଅଜଣା କୋହରେ ମରୁଛି॥
ରଙ୍ଗ ତୁଳି ଧରି ସମୟ ସାଥିରେ
ରୂପ ତାର ଯେବେ ଆଙ୍କୁଛି
ସ୍ମୃତି ବିସ୍ମୃତିରେ ବିସ୍ମରି ଯାଇଣ
ନୀରବେ ଘଡ଼ିଏ ଚାହୁଁଛି ॥
ଆଜି ଯାହା ନୂଆ କାଲିକି ପୁରୁଣା
ଆବୁଝାରେ ବୁଝି ହେଉଛି
ଅକାଳ ସକାଳେ ମରମେ କରମେ
ତାପାଇଁ ଯାତନା ପାଉଛି ॥

*ବାଲ୍ୟମ୍ବା,ଭାପୁର*

*ଢେଙ୍କାନାଳ : ୭୫୯୦୧୫*

*ମୋ: ୯୪୩୮୧୧୪୩୬୮*

# ପାତାଳରେ ବସିଥିଲା ଛଳନା

*ଡୁଇଟ୍ ଡେଭିଡ ଫିଲିପ*



ତୁମେ ମୋ ପଦବୀକୁ (ବାହା ହେଲ)
ନା ମୋ ଦେହକୁ,
ତୁମେ ମୋ ସୌନ୍ଦର୍ଯ୍ୟକୁ (ବାହା ହେଲ)
ନା ମୋ ଆତ୍ମାକୁ,
ତୁମେ ହେଲ ମୋ ସ୍ପନ୍ଦନ, ଯେବେଠୁ
ହେଲା ଦେଖା ତୁମକୁ,
ବାହାହେଲି ଆଜି ସତ, ଭେଦି ଥିଲ
ଯେବେ ମୋ ପାତାଳକୁ।
କୁହ, ନୁହେଁ ମୋର ପ୍ରଶ୍ନ ଜଟିଳ,
କୁହ, ନୁହେଁ ମୋର ଆତ୍ମା ଶିଥିଳ,
ଉତ୍ତର ସୁସ୍ପଷ୍ଟ, ତୁମ ନୟନ ଯୁଗଳ,
ହେଲେ ମୋଠି ବି ନାହିଁ ବିକଳ୍ପ।
ରହସ୍ୟ ତୁମ ହସ, ରହସ୍ୟ ତୁମ ବିତିଲା ଜୀବନ,
ତୁମ ପାତାଳ ଭିନ୍ନ, ପଶିପାରିବନି ସାମାନ୍ୟ,
ମୋ ପାତାଳ ମୋ ହୃଦୟ, ଭେଦିଲ
ନଦେଇ ଅଙ୍ଗ,
ତୁମେ କେବଳ ଏକ ଶରୀର, ସେ
ଭେଦି ନଥିଲା ମୋ ଗର୍ଭଗୃହ।
ଗର୍ଭ ପାତ ହେଲା ଆଜି ମୋର,
ଆସୁସ୍ତୀ, ରହିବନ ଆଉ ହୋଇ ମୋର,
ମୋର ଭୁଲ, ନୁହେଁ ତୁମର,
ସୁକ୍ରାଣୁ ସେ ପ୍ରହେଳିକା, ଡିମ୍ବାଣୁ ମୋ ମନ।

*ଓକିଲ ଓ ସମାଜ ସେବକ,*

*ଭବାନୀପାଟଣା, କଳାହାଣ୍ଡି,*

*ମୋ-୯୪୩୭୧୦୪୩୦୩*

# ଶୀତ ଗୀତ

*ଆଦ୍ୟାଶା ମହାପାତ୍ର*



କୁଟିକା କାଟି ଚାରୁ ଶୋଭାମୟ ସୂର୍ଯ୍ୟ ଦୃଶ୍ୟ ପ୍ରାଚୀ ଭାଲେ
ରସିକ ନାଗର ଭ୍ରମର ଖିଆଲେ ଫୁଲର କୋଳରେ ଝୁଲେ,
ସୋରିଷ କ୍ଷେତରେ ସୁନେଲି ସକାଳ ବିଞ୍ଚ ?
ଯେବେ ସ୍ୱର୍ଣ୍ଣରେଣୁ
ପୀତବର୍ଣ୍ଣୀ ପାଟେ ଶୀତ କି ସତେକି ପ୍ରୀତିରାଗେ
ଗୁଣୁଗୁଣୁ ॥
ପଉଷ ସଞ୍ଜର ପଞ୍ଜୁରୀ ଭିତରେ ଦିହୁଡିର ତାତି ନେଇ
କୁହୁଡି ମାଗଇ ପାଦ ଥାପିବାକୁ ଚେନାଏ ଚାରଣ ଭୂଇଁ
ଆକାଶ ଛାତିରେ ତୋଫା ତାରାଫୁଲ ସଞ୍ଜ ପହରରୁ ହସେ
ଜରତି ଶୀତର ସ୍ନିଗଧ ଛୁଆଁରେ ହୃଦତଳ ଉଦଭାସେ ॥
ଘନ ଅନ୍ଧାରରେ ପ୍ରଖର ନିଃଶ୍ୱାସେ ହଜିଯାଏ କାହିଁ ଶୀତ
ପରଦେଶୀ ପ୍ରିୟ ଆଙ୍କି ଚାଲିଥାଏ ପ୍ରଣୟର ରେଖା ଚିତ୍ର ,
ଦେହ ଦେହାଳିର କାନଭାସ ପରେ ପ୍ରତୀକ୍ଷିତ ହସ୍ତାକ୍ଷର
ପ୍ରୀତିମୟ ସେଇ ଶୀତର ଆବେଶ ସରସ ସ୍ୱପ୍ନ ବିଭୋର ॥
ସରସୀ ସୁନ୍ଦରୀ ପଦ୍ମ ପାଖୁଡ଼ାରେ ଶିଶିର ନିଆଁର ଧାସ
ଶେଫାଳି ଉନ୍ମନା ଚନ୍ଦ୍ର ଆଲୋକେ ଅଭିସାରିକାର ବେଶ
ତୃଷିତ ଆଖିର ଗାଢ ଅନୁରାଗ କରେ ତାକୁ ଆନମନା
ଆତୁରିତ ହୃଦ ବିନା କାର୍ପଣ୍ୟରେ ଶୀତ ହାତେ ବିବସନା ॥
ଖୁସି ପାର୍ବଣର ପ୍ରକର୍ଷ ପ୍ରକଟେ ଶୀତ ହୁଏ ବିମୋହିତ
ନିୟତି ବିଧାନେ ଶୀତ ପଦପାତେ ଉର୍ବୀ ହୁଏ ପୁଲକିତ ॥

*ନୂଆପଡା, କଟକ*




# ଓଡ଼ିଶାର ମ□ ନାଟକ, ସଙ୍ଗୀତ, ନୃତ୍ୟର ବିକାଶରେ କବିଚନ୍ଦ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର (ପିଏନ୍): କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଉଦ୍ୟମରୁ ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇବା ସହ ଓଡ଼ିଶାର ରାସ, ମ□ନାଟକ, ନୃତ୍ୟ ଓ ସଙ୍ଗୀତର ସାମଗ୍ରିକ ବିକାଶ ହେବା ସହ ରାଜ୍ୟର କଳା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ସାଧିତ ହୋଇଛି ବୋଲି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ କବିଚନ୍ଦ୍ରଙ୍କ ପ୍ରତିମୂ□ସ୍ଥଳୀରେ ଆୟୋଜିତ ୪୪ତମ ଶ୍ରାଦ୍ଧୋତ୍ସବରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ତାଙ୍କ ପ୍ରତିମୂ□ରେ ମାଲ୍ୟାର୍ପଣ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବାଙ୍କୀ-ଡମପଡ଼ା ବ୍ଲକ୍ ଅଧକ୍ଷ ପ୍ରଣବ କୁମାର ପଟେଲ, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଗାନ୍ଧିବାଦୀ ଅଧାପକ ଉପେନ୍ଦ୍ର ପାଢ଼ୀ, ଯୁବନେତା ରବି ସାମଲ, ବିକାଶ ଗିରି, ସତ୍ୟବ୍ରତ ଜେନା, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ମହାପାତ୍ର ପ୍ରମୁଖ ନିଜ ବକ୍ତବ୍ୟରେ ବାଙ୍କୀ ମାଟିର ଯୋଗ୍ୟ ଦାୟାଦ କଳାକୁ ଜୀବନସାଥୀ ଭାବରେ ଗ୍ରହଣ କରି ଅବିବାହିତ ରହି ରାଜ୍ୟର କଳା, ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ କାର୍ଯ୍ୟ କରିଥିଲେ ବୋଲି ପ୍ରକାଶ କରିଥିଲେ। ଓଡ଼ିଶାର ମ□ନାଟକର ବିକାଶ ପାଇଁ ନିଜେ ନାଟକ ରଚନା କରିବା ସହ ନିର୍ଦ୍ଦେଶନା ଦେଇ ତାହାକୁ ଓଡ଼ିଶା ଥିଏଟର ମାଧ୍ୟମରେ ପରିବେଷଣ କରିଥିଲେ। ଏହାପରେ ଗଜପତିଙ୍କ ନିମନ୍ତ୍ରଣ ପାଇ ପୁରୀରେ ରାସ ଓ ନାଟକର ବିକାଶ ପାଇଁ କାର୍ଯ୍ୟ କରିଥିଲେ। ଗଜପତି ତାଙ୍କୁ କବିଚନ୍ଦ୍ର ଉପାଧିରେ ସମ୍ମାନିତ କରିଥିଲେ। ଏହାପରେ ଗଜପତିଙ୍କ ଦରବାର ଛାଡ଼ି ପୁରୀ ଓ ସାକ୍ଷୀଗୋପାଳରେ ନୃତ୍ୟଦଳ ଗଠନ କରି ସମଗ୍ର ରାଜ୍ୟରେ ନୃତ୍ୟ ପରିବେଷଣ କରୁଥିଲେ। ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦେବାରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଗଣିତ ନାଟକ, କାବ୍ୟ, କବିତା ରଚନା କରି ରାଜ୍ୟର ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି। 'ଭାତ' ନାଟକ ସହ 'ଶ୍ରୀଜୟଦେବ ଓ ଗୀତଗୋବିନ୍ଦ' ତାଙ୍କର ଅମୂଲ୍ୟ କୀ□। ତାଙ୍କ ଆଦର୍ଶରେ ଯୁବକଳାକାର ଅନୁପ୍ରାଣିତ ହେଲେ ରାଜ୍ୟର କଳା ସମୃଦ୍ଧ ହୋଇପାରିବ। ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ଓ ଉପେନ୍ଦ୍ର ପାଢ଼ିଙ୍କ ଜନ୍ମଦିନ ଅବସରରେ ତାଙ୍କୁ ଜନ୍ମଦିନ ଅଭିନନ୍ଦନ ଜଣାଇ ସମ୍ମାନିତ କରାଯିବା ସହ ବାଙ୍କୀବାସୀଙ୍କ ପକ୍ଷରୁ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଉ□ରୀୟ ପ୍ରଦାନ କରାଯାଇଥିଲା। ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟଙ୍କ ଲିଖିତ ପୁସ୍ତକ 'ସହଜ ପ୍ରାଣାୟମ ଓ ଯୋଗାସନ' ପୁସ୍ତକ ଉନ୍ମୋଚିତ ହୋଇଥିଲା।

# ମହାକାଳପଡ଼ା ବୃହତ ପାନୀୟ ଜଳ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା ବୈଠକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ନିର୍ବାଚନମଣ୍ଡଳୀରେ ଚାଲିଥିବା ବୃହତ ପାନୀୟ ଜଳଯୋଗାଣ ପ୍ରକଳ୍ପର ଦୁଇଟି ପଏ□ କରାଯାଇଛି। ଗୋଟିଏ ହେଉଛି ଦକ୍ଷିଣ ଜୋନ□ ଓ ଅନ୍ୟଟି ହେଉଛି ଉ□ର ଜୋନ। ଦକ୍ଷିଣ ଜୋନଟି ମହାକାଳପଡ଼ା ବ୍ଲକରେ ରହିଥିବାବେଳେ ଉ□ର ଜୋନଟି ମାର୍ଶାଘାଇ ବ୍ଲକରେ ରହିଛି। ଦକ୍ଷିଣ ପଏ□ର କାର୍ଯ୍ୟ ପ୍ରାୟତଃ ଶେଷ ହେବା ଉପରେ। ଆସନ୍ତା ଅଗଷ୍ଟ ମାସ ୧୫ତାରିଖ ସୁଦ୍ଧା ମହାକାଳପଡ଼ା ନିର୍ବାଚନମଣ୍ଡଳୀର ଲୋକମାନଙ୍କୁ ପାନୀୟଜଳ ଯୋଗାଇଦେବା ପାଇଁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ନିର୍ମାଣ କାର୍ଯ୍ୟ କରୁଥିବା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ସମ୍ପର୍କରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାପାଳ ନିର୍ମାଣକାରୀ ସଂସ୍ଥାକୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ କହିଥିଲେ ଏହି ପ୍ରକଳ୍ପ ଦ୍ୱାରା ୫୫ ହଜାର ଲୋକଙ୍କ ଘରେ ପାଇପ ଯୋଗେ ପାନୀୟ ଜଳ ପହ□ିବ। ଯାହା ଫଳରେ ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର ହୋଇପାରିବ। ଦକ୍ଷିଣ ଜୋନର କାର୍ଯ୍ୟ ତୁରନ୍ତ ସାରି ଲୋକଙ୍କୁ ପାନୀୟ ଜଳ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ କହିଥିବା ବେଳେ ଉ□ର ଜୋନକୁ ମଧ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବା ପାଇଁ ସେ କହିଥିଲେ। ଏହି ସମୀକ୍ଷା ବୈଠକରେ ବିଭାଗୀୟ ଯନ୍ତ୍ରୀ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନା ଥାଉକି ଏହି ପ୍ରକଳ୍ପ ହେବା ଦ୍ୱାରା ମହାକାଳପଡ଼ା ବ୍ଲକର ୨୬ଟି ପ□ାୟତ ଓ ମାର୍ଶାଘାଇ ବ୍ଲକର ୧୧ଟି ପ□ାୟତର ଲୋକେ ପାନୀୟ ଜଳ ପାଇପ ଯୋଗେ ପାଇପାରିବେ। ଫଳରେ ଗ୍ରୀଷ୍ମଋତୁରେ ଜଳକଷ୍ଟର ସମ୍ମୁଖୀନ ହେଉଥିବା ଏହି ପ□ାୟତଗୁଡ଼ିକର ଲୋକମାନଙ୍କ ପାନୀୟଜଳ ସମସ୍ୟା ରହିବ ନାହିଁ। ଦକ୍ଷିଣ ଜୋନ କାର୍ଯ୍ୟକ୍ଷମ ହେଲେ ମାର୍ଶାଘାଇ ବ୍ଲକର ୩ଟି ପ□ାୟତ ଓ ମହାକାଳପଡ଼ା ବ୍ଲକର ୯ଟି ପ□ାୟତର ଲୋକମାନେ ଉପକୃତ ହୋଇପାରିବେ।

# ସ୍କାଉଟସ୍ ଗାଇଡସ୍‌ର ୧୪୨ତମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ



ଭୁବନେଶ୍ୱର (ପିଏନ୍): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂସ୍ଥାର ୧୪୨ତମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ତା୩୦.୦୭.୨୦୨୨ରିଖ ଅପରାହ୍ନ ୩ଘଟିକା ସମୟରେ ଅନଲାଇନ୍ ମାଧ୍ୟମରେ ଆୟୋଜିତ ହୋଇଥିଲା । ରାଜ୍ୟ ମୁଖ୍ୟ କମିଶନର ଡଃ. କାଳି ପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ବୈଠକରେ ରାଜ୍ୟ ସମ୍ପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟଙ୍କ ସ୍ୱାଗତ ଅଭିଭାଷଣ ପରେ ଓଡିଶାର ବିଭିନ୍ନ ଜିଲ୍ଲାର ଦିବଂଗତ ସ୍କାଉଟ୍ ଗାଇଡ୍‌ର ସଭ୍ୟସଭ୍ୟାମାନଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବିଗତ ବର୍ଷରେ ରାଜ୍ୟ ସଂସ୍ଥା ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରାଯିବା ସଂଗେ ସଂଗେ ଆଗାମୀ ବର୍ଷରେ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡ଼ିକର ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଏତଦ୍‌ବ୍ୟତୀତ ବିଗତ ବର୍ଷର ଆୟବ୍ୟୟ ସମୀକ୍ଷା କରାଯାଇ ଆଗାମୀ ବର୍ଷର ଆର୍ଥିକ ଖର୍ଚ୍ଚ ଅଟକଳ କମିଟି ଦ୍ୱାରା ଅନୁମୋଦନ ଲାଭ କରିଥିଲା। ଜାତୀୟ ତଥା ଅନ୍ତର୍ଜାତୀୟ ସଂଗଠନ ଦ୍ୱାରା ଯୁବପୀଢ଼ିମାନଙ୍କ ପାଇଁ ପ୍ରାୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଯଥା: Sustanable Development Goal, ସ୍ୱଚ୍ଛ ଭାରତ ଅଭିଯାନ, ସର୍ଫ ସ୍ମାର୍ଟ, ଫ୍ରି ବିଙ୍ଗ୍ ମିଂ, ଷ୍ଟପ୍ ଦି ଭାଇଓଲେନ୍ସ୍, ମେସେଞ୍ଜର ଅଫ୍ ପିସ୍ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମଗୁଡ଼ିକରେ ରାଜ୍ୟ ବିଶେଷ ସଫଳତା ପାଇଥିବାରୁ କମିଟିରେ ଆନନ୍ଦ ପ୍ରକାଶ ପାଇଥିଲା। ଭବିଷ୍ୟତରେ ଏହାକୁ ଆହୁରି ବ୍ୟାପକ କରିବା ପାଇଁ ରାଜ୍ୟ ମୁଖ୍ୟ କମିଶନର ଡଃ. ମିଶ୍ର ସଭ୍ୟମାନଙ୍କର ସହଯୋଗ କାମନା କରିଥିଲେ। ଏହି ବୈଠକରେ ବିଭିନ୍ନ ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀମାନେ ଯୋଗଦେଇଥିଲେ । ପରିଶେଷରେ ରାଜ୍ୟ କମିଶନର (ହେଡକ୍ୱାର୍ଟର) ଶ୍ରୀ ରାଧାକାନ୍ତ ଦାସ ସମସ୍ତ ସଭ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ ସଭା ଭଙ୍ଗ କରାଯାଇଥିଲା।

# କେନ୍ଦୁଝରଗଡ ରେଳଷ୍ଟେସନରୁ ଯୁବତୀ ଉଦ୍ଧାର

କେନ୍ଦୁଝର (ପିଏନ୍): ଗତ ୨୫ ତାରିଖ ରାତିରେ ଭୁବନେଶ୍ୱରରୁ କେନ୍ଦୁଝରଗଡ ଟ୍ରେନ ରେ ଆସିଥିବା ଜଣେ ଯୁବତୀଙ୍କୁ କେନ୍ଦୁଝରଗଡ ରେଳଷ୍ଟେସନରୁ ଉଦ୍ଧାର କରାଯାଇଛି। ରାତ୍ରୀ ୯ଟା ୨୫ରେ ୧୮୪୫୬ ନଂ ଫାଷ୍ଟ ପାସେଂଜର ଟ୍ରେନ କେନ୍ଦୁଝରଗଡ ରେଳଷ୍ଟେସନରେ ପହଁଚିବା ପରେ ରେଲୱେ ପୋଲିସକୁ କିଛି ଯାତ୍ରୀ ଖବର କରିଥିଲେ। ରେଲୱେ ପୋଲିସ ଯୁବତୀଙ୍କୁ ଉଦ୍ଧାର କରି କେନ୍ଦୁଝର ଟାଉନ ପୋଲିସ ସହାୟତାରେ ବଣିଆପାଟ ସ୍ଥିତ ସ୍ୱଧାର ଗୃହରେ ରଖିଛି। ଯୁବତୀ ମାନସିକ ରୋଗରେ ଆକ୍ରାନ୍ତ ଥିବା ଆଶଙ୍କା କରାଯାଉଛି। ଏଣୁ ସେ ତାର ସଠିକ୍ ଠିକଣା କହିପାରୁନାହିଁ। ସେ ହିନ୍ଦିରେ କଥାବା□ା କରୁଛି। ଯୁବତୀଙ୍କ ବୟସ ୨୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତେବେ ଉକ୍ତ ଯୁବତୀ କେଉଁ ସ୍ଥାନରୁ ଆସିଛି ତାହାର ତଦନ୍ତ ପୋଲିସ କରୁଛି।

# ବିଡିଏର ଦୁଇଜଣ ଅଫିସର ଭୁବନେଶ୍ୱରରେ କୃତ୍ରିମ ବନ୍ୟା ପାଇଁ ଦାୟୀ

ଭୁବନେଶ୍ୱର (ପିଏନ୍)-ରାଜଧାନୀ ଭୁବନେଶ୍ୱରରେ ବେଙ୍ଗ ମୁତିଲେ ବନ୍ୟା ହେଉଛି। ଏହି ବନ୍ୟା ବିଡିଏକୃତ ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଅଭିଯୋଗ କରିଛନ୍ତି। କୂଆଖାଇ, ଦୟା ନଦୀରେ ଯେତିକି ପାଣି ଭୁବନେଶ୍ୱରର ରାସ୍ତାଘାଟରେ ସେତିକି ପାଣି ଜମିଯାଉଛି। ଘରେ ଘରେ ପାଣି ପଶୁଛି। ରାସ୍ତା ଘାଟରେ ଗାଡ଼ି ମୋଟର ଭାସୁଛି। ଏ ଭୁଲ ବିଡିଏର ବୋଲି ଭୁବନେଶ୍ୱରର ନବନିର୍ବାଚିତା ମେୟର ଗଣମାଧ୍ୟମରେ ମଧ୍ୟ ପ୍ରକାଶ କରିଛନ୍ତି। ବିଡିଏ କି ଭୁଲ କରିଛି ମେୟର ତାହା ମଧ୍ୟ ସ୍ପଷ୍ଟ ଭାବରେ ବୁଝାଇଛନ୍ତି। ୨୨ ବର୍ଷ ପୂର୍ବେ ଏ ସମସ୍ୟା ନଥିଲା। ନବୀନ ସରକାର ବିଡିଏକୁ ଖୋଲା ଛାଡ଼ିଦେବା ଫଳରେ ଗୃହ ନିର୍ମାଣ ପାଇଁ ବିଡ଼ିଏ ମନମୁଖି ଅନୁମତି ଦେଲା। ଭୁବନେଶ୍ୱରର ୧୦ରୁ ଉର୍ଦ୍ଧ୍ୱ ପ୍ରାକୃତିକ ଡ୍ରେନ ଉପରେ ଏବଂ ବିଭିନ୍ନ ଜାଗାରେ ଅନ୍ୟାନ୍ୟ ଡ୍ରେନ ଉପରେ ଉଚ୍ଚ ଅଟ୍ଟାଳିକା ନିର୍ମାଣ ପାଇଁ ଅନୁମତି ଦେବା ଫଳରେ ଜଳ ନିଷ୍କାସନ ବନ୍ଦ ହୋଇଗଲା। ଯାହା ଫଳରେ କୃତିମ ବନ୍ୟା ସୃଷ୍ଟି ହୋଇ ଭୁବନେଶ୍ୱରରେ ଧନଜୀବନ ନଷ୍ଟ କରିବା ସହ ଭୁବନେଶ୍ୱରକୁ ଜଳାର୍ଣ୍ଣବ କଲା। ଏବେ ୭ ବର୍ଷ ଭିତରେ ଡ୍ରେନରେ ପଡ଼ି ୭ଜଣରୁ ଉର୍ଦ୍ଧ୍ୱ ମୃତ୍ୟୁବରଣ କଲେଣି। ଏଠାରେ ସୂଚନାଯୋଗ୍ୟ ଯେ ଭୁବନେଶ୍ୱରରେ ଗୃହନିର୍ମାଣ ଅନୁମତି ମାତ୍ର ଦୁଇବର୍ଷ ହେବ ବିଏମସି ଦାୟୀତ୍ୱ ନେଇଛି।

ଯେଉଁ ଅଫିସରମାନେ ଏଠାରେ ୧୫ରୁ ୨୦ ବର୍ଷଧରି ଚକା ପକାଇ ବସିଥିଲେ, ସେଇମାନେ ହିଁ ଭୁବନେଶ୍ୱର ସହରକୁ ବିକୃତ କରିଦେଇଛନ୍ତି। ଏଠାରେ ଦାୟିତ୍ୱରେ ଥିବା ଅଣଓଡ଼ିଆ ଅଫିସରଙ୍କୁ ଭୁଲ ତଥ୍ୟ ଦେଇ ନିଜେ ଉତ୍କୋଚ ନେବା ସହ ସଂପୂର୍ଣ୍ଣ ଭୁବନେଶ୍ୱର ସହରର ଭୌଗୋଳିକ ବ୍ୟବସ୍ଥାକୁ ବିଗାଡ଼ି ଦେଇଛନ୍ତି। ଏ ବନ୍ୟା ଏବଂ କ୍ଷୟକ୍ଷତି ପରିସ୍ଥିତି ପାଇଁ କେବଳ ସେଇ ଦୁଇଜଣ ଅଫିସର ହିଁ ଦାୟୀ। ସେମାନେ ଭୁବନେଶ୍ୱରରେ ଜେଟିପି ଭାବରେ କାର୍ଯ୍ୟ କରୁଥିଲେ, ଏବେ ପ୍ଲାନିଂ ମେମ୍ବର ଭାବେ କାର୍ଯ୍ୟ କରୁଛନ୍ତି। ସେମାନେ ଏଠାରେ ବହୁ ବର୍ଷ ଧରି ଚାକିରୀ କଲେଣି ମାତ୍ର ସେମାନଙ୍କର ବଦଳି ନାହିଁ। ସେଇ ଦୁଇ ଅଫିସର ହେଲେ ଗୌରୀଶଙ୍କର ଭୂୟାଁ ଏବଂ ମହମ୍ମଦ ଇକବାଲ ଅଲ୍ଲୀ। ଗୌରୀଶଙ୍କର ଭୂୟାଁ ଭୁବନେଶ୍ୱରରେ ପ୍ଲାନିଂ ମେମ୍ବର ଥିବାବେଳେ ମହମ୍ମଦ ଇକବାଲ ଅଲ୍ଲୀ କଟକରେ ପ୍ଲାନିଂ ମେମ୍ବର ଅଛନ୍ତି। ଏମାନଙ୍କ ବିରୁଦ୍ଧରେ ଭିଜିଲାନ୍ସ ତଦନ୍ତ ଚାଲୁଥିଲେ ମଧ୍ୟ ସରକାର ତାଙ୍କୁ ସେହି ପଦବୀରେ ରଖିବା ଆଶ୍ଚର୍ଯ୍ୟ ଏବଂ ଦୁର୍ଭାଗ୍ୟର ବିଷୟ। ଏଠାରେ ସୂଚନାଯୋଗ୍ୟ ଡମଣାଛକର କ୍ଲବଟାଉନ, ଜୟଦେବ ବିହାର ଛକ ବିଲିଡିଂ, ଦ ୱାର୍ଲଡ ପାଖରେ ଥିବା ଲେକଭିୟୁ, ଇସ୍କନ ମନ୍ଦିର ପାର୍ଶ୍ୱବର୍ତି ପ୍ରଭୃତି ଅଟ୍ଟାଳିକା ପ୍ରଭୃତିକୁ ବେଆଇନ ଭାବେ ଅନୁମତି ଦିଆଯାଇଛି। ସରକାରଙ୍କର ବିଧିବ୍ୟବସ୍ଥାକୁ ଏଥିରେ ଉଲ୍ଲଙ୍ଘନ କରାଯାଉଛି। ବର୍ତମାନ ଭୁବନେଶ୍ୱରବାସୀ ଖୋଜୁଛନ୍ତି ଯେ ଭୁବନେଶ୍ୱର ସହରକୁ ଏପରି ଅବ୍ୟବସ୍ଥିତ କଲାକିଏ? ବିଲଡର ମାନଙ୍କୁ ଆଖିବୁଜା ଅନୁମତି ଦେଲାକିଏ? ଭୁବନେଶ୍ୱରରେ କୃତ୍ରିମବନ୍ୟା ପାଇଁ ଦାୟୀ କିଏ? କେବଳ ଗୌରୀଶଙ୍କର ଭୂୟାଁ ଏବଂ ମହମ୍ମଦ ଇକବାଲ ଅଲ୍ଲୀ। ଗତ ୧୫ ବର୍ଷଧରି ମହମ୍ମଦ ଇକବାଲ ଅଲ୍ଲୀ ଭୁବନେଶ୍ୱରରେ କାର୍ଯ୍ୟ କରୁଥିଲେ। ଏମାନେ ପରୋକ୍ଷ ଭାବରେ ଅନେକ ବିଲଡର ସଂସ୍ଥାର ମାଲିକାନା ସହ ସଂପୃକ୍ତ ବୋଲି ଅଭିଯୋଗ ହେଉଛି। ତୁର' ଏହି ଦୁଇ ଅଫିସରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନହେଲେ ଛାତ୍ର କଂଗ୍ରେସ ପକ୍ଷରୁ ଦୁର୍ବାର ଓ ଦୃଢ଼ ଆନ୍ଦୋଳନ କରାଯିବ ଏବଂ ବିଡିଏ କାର୍ଯ୍ୟାଳୟ ଘେରାଉ କରାଯିବ।

# ଜିଲ୍ଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ

ବାଲେଶ୍ୱର (ପିଏନ୍)-ଜିଲ୍ଲାରେ ବିଭିନ୍ନ ମଣ୍ଡିରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀ ସ୍ଥାନୀୟ ସଦର ବ୍ଲକ ସାରଗାଁ ସମବାୟ ସମିତିରେ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ଚଳିତ ବର୍ଷ ପାଇଁ ଏହି ଧାନ ସଂଗ୍ରହ/କ୍ରୟ ପ୍ରକ୍ରିୟା ଜିଲ୍ଲାର ୧୦୯ଟି ମଣ୍ଡିରେ ଆସନ୍ତା ଜୁନ୍ ୩୦ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲାର ମୋଟ ୩୪ ହଜାର ୮୮୧ଜଣ ଚାଷୀ ରବି ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ଗତ ରବି ଋତୁରେ ଅମଳ ହୋଇଥିବା ଧାନକୁ ଚାଷୀମାନେ ନିକଟସ୍ଥ ମଣ୍ଡିରେ ବିକ୍ରି କରିପାରିବେ। ଧାନକ୍ରୟ କ୍ଷେତ୍ରରେ ସରକାରୀ ନିୟମର ଅନୁପାଳନ, ସମସ୍ତ ପର୍ଯ୍ୟାୟରେ ସ୍ୱଚ୍ଛତା ଅବଲମ୍ବନ ସହିତ ଚାଷୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାରେ ମୋଟ ୪ଲକ୍ଷ ୩୬ହଜାର ୭୬୪ କ୍ୱିଂଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳ ୨୨ଜଣ ମିଲର୍ସଙ୍କୁ ଏଥିରେ ସାମିଲ କରାଯାଇଛି । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ ପ୍ରତି ୧୯୪୦ ଟଙ୍କା ଧାର୍ଯ୍ୟ କରାଯାଇଛି। ସୁବ୍ୟବସ୍ଥିତ ଢଙ୍ଗରେ ଧାନ ସଂଗ୍ରହ ସହ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଚାଷୀମାନଙ୍କ ବ୍ୟାଙ୍କ ଆକାଉଂଟକୁ ଯେଭଳି ସିଧାସଳଖ ଟଙ୍କା ପହଂଚିପାରିବ ତାହା ସୁନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ପ୍ରଦ୍ୟୁମ୍ନ କୁମାର ରାଉତରାଏଙ୍କ ସମେତ, ଯୋଗାଣ ବିଭାଗ କର୍ମଚାରୀ, ସମବାୟ ସମିତିର କର୍ମକର୍ତା ଓ ଚାଷୀମାନେ ଉପସ୍ଥିତ ଥିଲେ।

# DISPLAY CLASSIFIED


FOR ADVERTISEMENT CONTACT

Phone No. (0674) 2555116/9853400829

Fax: (0674) 2550504

E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS / ASTROLOGERS / VASTU EXPERTS ?

Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON

MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON

MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ହାଟଡିହି ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ହାଟଡିହି (ପିଏନ୍): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକରେ ଗତ ସୋମବାର ଦିନ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିଚିତ୍ରାନନ୍ଦ କରଙ୍କ ତ□ାବଧାନରେ କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେ ଯୋଗଦେଇ ବିଭିନ୍ନ ଅଂଚଳରୁ ଆସିଥିବା ସାଧାରଣ ଲୋକଙ୍କଠାରୁ ୧୩୦ଟି ଅଭିଯୋଗ ଗ୍ରହଣ କରିବା ପରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଅଭିଯୋଗ ଶୁଣାଣିରେ ଶାଳଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହାଟଡିହି ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ପ୍ରସଙ୍ଗରେ ଦୀର୍ଘ ସମୟ ଧରି ସ୍ଥାନୀୟ ଅଧିବାସୀ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ । ଦୀର୍ଘଦିନ ଧରି ଡାକ୍ତର ପଦବୀ ଖାଲି ପଡିଥିବାରୁ ସମଗ୍ର ହାଟଡିହି ବ୍ଲକ ଅଂଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟୟ ହୋଇ ପଡିଛି । ସେହିପରି ହାଟଡିହି ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଅଭାବର ସମସ୍ୟା ଲାଗି ରହିଥିବାରୁ ଶିକ୍ଷାଦାନରେ ଅଚଳ ଅବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି । ଏହି ଅବସରରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଠାକରେ କେତେକ ଦିବ୍ୟାଙ୍ଗ ମାନଙ୍କୁ ତିନିଚକିଆ ଟ୍ରାୟ ସାଇକେଲ ବିତରଣ କରିଥିଲେ। ଏହି ଅଭିଯୋଗ ଶୁଣାଣିରେ କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଂ, ଆନନ୍ଦପୁର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ, ତହସିଲଦାର ଦିଲ୍ଲୀପ କୁମାର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୋଦି ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ।

# ଅନ୍ଧାରରେ ୧୫ ପିଲାଙ୍କ ଭବିଷ୍ୟତ, ଭଡାରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର

ଭୁବନେଶ୍ୱର (ପିଏନ୍): ଲିଙ୍ଗିପୁର ଗ୍ରାମପଂଚାୟତ (ଗାଙ୍ଗୋତ୍ରୀ ନଗର)ରେ ଥିବା ଅଙ୍ଗନବାଡି କେନ୍ଦ୍ର ବିଗତ ବହୁବର୍ଷ ହେଲା ଅବ୍ୟବସ୍ଥାରେ ଚାଲିଛି। ଖୋଦ୍ ରାଜଧାନୀ ଉପକଣ୍ଠରେ ଏହିଭଳିଆ ଅବସ୍ଥା। ୨୦୧୦ ମସିହାରୁ ଏହି ଅଙ୍ଗନବାଡି କେନ୍ଦ୍ର ଚାଲୁରହିଛି। ଏହି ଅଙ୍ଗନବାଡି କେନ୍ଦ୍ରରେ ଆବଶ୍ୟକୀୟ ଭିତିଭୂମି, ମୌଳିକ ସୁବିଧା ପିଲାମାନଙ୍କୁ ମିଳିପାରୁନାହିଁ। ଏହି ଅଙ୍ଗନବାଡି କେନ୍ଦ୍ରଟି ବହୁ ଦୁର୍ଦ୍ଦଶାରେ ଗତି କରୁଛି। ପ୍ରଶାସନ ପାଖରେ ବାରମ୍ବାର ଗୁହାରି କଲାପରେ ମଧ୍ୟ କେହି କର୍ଣ୍ଣପାତ କରୁନାହାଁନ୍ତି, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଶିକ୍ଷା ଏକ ମୌଳିକ ଅଧିକାର। କିନ୍ତୁ ଯେଉଁଭଳିଆ ଭାବରେ ପ୍ରଶାସନ ଉକ୍ତ ଅଙ୍ଗନବାଡି କେନ୍ଦ୍ରକୁ ସାବତ ପୁଅ ପରି ବ୍ୟବହାର କରୁଛି ତାହା ଅତ୍ୟନ୍ତ ନିନ୍ଦନୀୟ। ମାସକୁ ୨୬୦୦ଟଙ୍କା ଟଙ୍କା ଦେଇ ଅଙ୍ଗନବାଡି କେନ୍ଦ୍ର ଚଳାଇବା ଏକ କାଠିକର ପାଠ ବ୍ୟାପାର। ସିଡିପିଓ ଏହି ବିଷୟରେ ଅବଗତ ଥିଲେ ମଧ୍ୟ ଏବଂ ସରକାର ଏହି ଅଙ୍ଗନବାଡି କେନ୍ଦ୍ର ବିଷୟରେ ଅବଗତ ଥିଲେ ମଧ୍ୟ ଏହି ସମସ୍ୟାର ସମାଧାନ ପାଇଁ ବିଶେଷ କିଛି କରିନଥିବା ଜଣାପଡିଛି। ଆଗକୁ ବର୍ଷା ଦିନ ଆସୁଛି କୋଉଭଳି ଭାବେ ପିଲାମାନଙ୍କର ଶିକ୍ଷା ବାଧାପ୍ରାପ୍ତ ନହେବ ଉଚ୍ଚକର୍ତୃପକ୍ଷ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହୋଇଛି। ଗାଙ୍ଗୋତ୍ରୀ ନଗର ଭିତରେ ଏକ ସ୍ଥାୟୀ ସରକାରୀ ଜାଗାକୁ ଅଙ୍ଗନବାଡି କେନ୍ଦ୍ର ନାଁରେ କରିବା ପାଇଁ ଉଦ୍ୟମ କରାଯାଉଥିବାବେଳେ ଉଚ୍ଚକର୍ତୃପକ୍ଷଙ୍କର ଇଚ୍ଛାଶକ୍ତି ଅଭାବରୁ ଏହା ହୋଇପାରୁନାହିଁ।

# ଯୁବମାରଣ ନୀତି ବିରୋଧରେ ଯୁବ କଂଗ୍ରେସର ଯୁବ ସମ୍ପର୍କ ପଦଯାତ୍ରା




ଭୁବନେଶ୍ୱର (ପିଏନ୍): ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟ ସଭାପତି ଡ଼ଃ ସ୍ମୃତିରଂଜନ ଲେଙ୍କାଙ୍କ ନେତୃତ୍ୱରେ ୨୯ ତାରିଖ ଶୁକ୍ରବାର ମାଲକାନଗିରିଠାରୁ ଆରମ୍ଭ ହୋଇଛି ରାଜ୍ୟବ୍ୟାପୀ ଯୁବ ସମ୍ପର୍କ ପଦଯାତ୍ରା। ଶନିବାର ଏହି ପଦଯାତ୍ରା କୋରାପୁଟର ଜୟପୁରଠାରେ ପହଂଚିଛି। ଦେଶ ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତି ଅବସରରେ ଦେଶର ତଥା ରାଜ୍ୟର ଯୁବପିଢ଼ୀମାନଙ୍କୁ ଉଭୟ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡି ସରକାରର ଯୁବମାରଣ ନୀତି ବିରୋଧରେ ସଚେତନ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଏହି ପଦଯାତ୍ରା। ରାଜ୍ୟର ସମସ୍ତ ଜିଲ୍ଲାକୁ ଯାତ୍ରା କରି ଯୁବ ପିଢ଼ୀମାନଙ୍କୁ ସଚେତନ କରିବା ସହ କଂଗ୍ରେସ ଦଳର ବିଚାରଧାରାକୁ ଯୁବପିଢ଼ୀଙ୍କ ନିକଟରେ ପହଂଚାଇବା ପାଇଁ 'ୟୁଥ୍ ଯୋଡୋ, ବୁଥ୍ ଯୋଡୋ' କାର୍ଯ୍ୟକ୍ରମକୁ ମଧ୍ୟ ହାତକୁ ନିଆଯାଇଛି। କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନା କିଭଳି ଯୁବପିଢ଼ୀଙ୍କ ଭବିଷ୍ୟତ ନଷ୍ଟ କରିବା ସହ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବ, ସେ ସମ୍ପର୍କରେ ଜନଜାଗରଣ ମଧ୍ୟ ରାଜ୍ୟବ୍ୟାପୀ କରାଯିବ ବୋଲି ଓଡିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡଃ ସ୍ମୃତିରଂଜନ ଲେଙ୍କା ପ୍ରକାଶ କରିଛନ୍ତି। ଉଭୟ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡି ସରକାର ଯୁବପିଢ଼ିମାନଙ୍କୁ ପ୍ରତାରିତ କରିଛି। ରାଜ୍ୟରେ ୨୨ ବର୍ଷର ବିଜୁ ଜନତା ଦଳର ସରକାର ସମୟରେ ଶିକ୍ଷିତ ଯୁବକଯୁବତୀମାନଙ୍କୁ ସ୍ଥାୟୀ ନିଯୁକ୍ତି ନଦେଇ ଚୁକ୍ତିଭିତିକ ନିଯୁକ୍ତି ଦେଇ ଠିକା ଶ୍ରମିକ ଭାବେ ନିୟୋଜିତ କରୁଛି। ଏ ସବୁକୁ ଦୃଢ଼ ଭାବେ ନିନ୍ଦା କରିବା ସହ ତୁରନ୍ତ ଚୁକ୍ତିଭିତିକ ନିଯୁକ୍ତି ପ୍ରତ୍ୟାହାର କରିବାକୁ ଦୃଢ଼ ଦାବି ଜଣାଇଛି ଯୁବ କଂଗ୍ରେସ। ଏହାବ୍ୟତୀତ ରାଜ୍ୟରେ ସରକାରୀ ନିଯୁକ୍ତି ବୟସ ସୀମା ୩୨ ବର୍ଷରୁ ୪୨ ବର୍ଷକୁ ବୃଦ୍ଧି କରି ସମ୍ପୂର୍ଣ୍ଣଭାବେ ଏହାକୁ କାର୍ଯ୍ୟକାରୀ କରିବାକୁ ଯୁବ କଂଗ୍ରେସ ଦାବି କରିଛି। ରାଜ୍ୟ କଂଗ୍ରେସ ପୁଣି ଥରେ ନିଜର ସତାକୁ ଫେରିବା ଲକ୍ଷ୍ୟ ରଖି ଆରମ୍ଭ କରିଥିବା ମିଶନ ୯ରୁ ୯୦କୁ ସଫଳ କରିବା ପାଇଁ ଯୁବ କଂଗ୍ରେସ ଏହି ମିଶନ୍‌ର ସାରଥି ହେବ ବୋଲି ଡଃ ଲେଙ୍କା ପ୍ରକାଶ କରିଛନ୍ତି। ରାଜ୍ୟରେ ବିଜେଡିର ଏକଛତ୍ରବାଦ ଶାସନର ଅନ୍ତ କରିବା ପାଇଁ ଯୁବପିଢ଼ିମାନଙ୍କୁ ଏବେଠାରୁ ସଜାଗ କରୁଛି ଯୁବ କଂଗ୍ରେସ। ଯୁବ କଂଗ୍ରେସ ପକ୍ଷରୁ ଏକ ବିରାଟ ପରିବର୍ତନ ଲକ୍ଷ୍ୟରେ ହୋଇଥିବା ଏହି ପଦଯାତ୍ରାରେ ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ତଥା ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ଶେଷ ନାରାୟଣ ଓଝା, ସହ ପ୍ରଭାରୀ ଅଭିନବ ସିଦ୍ଧାର୍ଥ ଭଗତଙ୍କ ସହ କୋରାପୁଟ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ରାଜ୍ୟ ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ଜ୍ଞାନରଂଜନ ରାଉତ, ସମ୍ପାଦକ ବିଶ୍ୱଜିତ ଲେଙ୍କା, ରମେଶ ଖରା ଓ ରାଉରକେଲା ଜିଲ୍ଲା ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ।




## ଇଟାଭାଟି ଶ୍ରମିକଙ୍କୁ ଶୀତ ବସ୍ତ୍ର ବଣ୍ଟନ



ବାଲିଅନ୍ତା,(ପି.ଏନ): ଉମଦେଇ ବ୍ରହ୍ମପୁର ପଂଚ୍ାୟତ ଅଧିନସ୍ଥ ହୀରାପୁର ଖେଳପଡିଆ ନିକଟସ୍ଥ ନଦୀ ପଠାରେ ବାସ କରୁଥିବା ଇଟାଭାଟି ଶ୍ରମିକମାନଙ୍କୁ ଶନିବାର ମଧାହ୍ନ ସମୟରେ ଓଡ଼ିଶାର ସୁପ୍ରତିଷ୍ଠିତ ମଞ୍ଚ,ଦୂରଦର୍ଶନର ଉପସ୍ଥାପକ ତଥା ସମାଜସେବୀ ଶୁଭୋଜିତ୍ ପଣ୍ଡାଙ୍କ ତରଫରୁ କମ୍ବଳ ବଣ୍ଟନ କରାଯାଇଅଛି । ଏହି ଅବସରରେ ବୃଦ୍ଧ ବୃଦ୍ଧା ଙ୍କୁ କମ୍ବଳ ସହିତ କୁନି କୁନି ପିଲାମାନଙ୍କୁ ବିସ୍କୁଟ ବଣ୍ଟନ କରା ଯାଇଥିଲା। ଏହି କାର୍ଯ୍ୟ କ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉମାଦେଇବ୍ରହ୍ମପୁର ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର, ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ, ସମାଜସେବୀ ପ୍ରଦୀପ କୁମାର ମହାନ୍ତି, ଗୋବିନ୍ଦ ବେହେରା ସମେତ ଯୁବ ସାମ୍ବାଦିକ ପ୍ରଳୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ମାଟି ଏବଂ ପଲିଥିନ୍ ଘରେ ବିତୁଛି ଜୀବନ

ଘଟଗାଁ(ପିଏନ)-ଉଭୟ କେନ୍ଦ୍ର ଏବଂ ରାଜ୍ୟ ପ୍ରତ୍ୟେକ ଦିନ ଅନେକ ଗରିବ ବାସହରା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର କିମ୍ବା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ କରାଇ ଘର ଯୋଗାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ଲୋକ ଆଜିବି ଝାଟି ମାଟି ଏବଂ ପାଲ ପଲିଥିନ୍ ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରୀପଶୀ ଗାଁରେ । ଗାଁର ଚରଣ ମୁଣ୍ଡା ଆଜକୁ ତିନି ବର୍ଷ ହେବ ଏକ ଝାଟି, ପିଲିଥିନ୍‌କୁ ଘରର କାନ୍ଥ କରି ରହୁଥିବା ଦେଖିବାକୁ ମିଳୁଛି । ଚରଣ ଦିନ ମଜୁରୀଆ ହୋଇଥିବାରୁ ଘର ଖଣ୍ଡିଏ ବନାଇବାକୁ ସକ୍ଷମ ନାହିଁ ତାର । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରିପଶୀ ଗାଁର ରାଜାବନ୍ଧ ସାହିର ଚରଣ ମୁଣ୍ଡା । ବୟସ ପାଖାପାଖି ୪୦ ହେବ । ପରିବାରରେ ସ୍ତ୍ରୀ ସହିତ ତିନୋଟି ପୁଅ । ଚରଣ ଜଣେ ଦିନ ମଜୁରୀଆ ଖଟିଖିଆ ଲୋକ । ପ୍ରତ୍ୟେକ ଦିନ ଯାହା ମୁଲମଜୁରି କରି ଆଣିଥାଏ, ସେସବୁ ପରିବାରର ଖାଇବାକୁ ମଧ୍ୟ ଅଂଟେନାହିଁ । ପୂର୍ବରୁ ସେ ବରାହଟିପୁରା ଗାଁରେ ରହୁଥିଲେ, ବାପା ଚାଲି ଗଲା ପରେ ବାସ ହରା ହୋଇ ଆଜକୁ ତିନି ବର୍ଷ ହେବ ସୁନାରିପଶି ଗାଁର ରଜାବନ୍ଧ ସାହିରେ ରହୁଛନ୍ତି । ଚରଣ ସ୍ତ୍ରୀ ସହିତ ତିନି ପୁଅଙ୍କୁ ନେଇ ନାହିଁ ନଥିବା ଅଭାବ ଅନଟନରେ ଜୀବନ ବିତାଉଛନ୍ତି । ଠିକ୍‌ସେ ନିଜ ପରିବାରର ଗୁଜରାଣ ମେଂଟାଇପାରୁ ନଥିବା ଚରଣ ଘର ଖଣ୍ଡିଏ ବନାଇବା ପାଇଁ ତା ପାଖରେ ସମ୍ବଳ ନାହିଁ । ଯାହାଫଳରେ ଆଜକୁ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ଝାଟି, ପଲିଥିନକୁ କାନ୍ଥ କରି ଗୋଟିଏ ଝାଟି ଘରେ ରହୁଛନ୍ତି । ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କ ପାଇଁ ସରକାଙ୍ଗ ପ୍ରଧାନ ମନ୍ତ୍ରୀ ଏବଂ ବିଜୁ ବିଜୁ ପକ୍କା ଘର ଯୋଜନା ସାତସପନ । ତେବେ ବାସ ହରା ଲୋକମାନଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଥିଲେ ମଧ୍ୟ ଆଜିବି ଅନେକ ଲୋକ ଏଭଳି ଅବସ୍ଥାରେ ଝାଟି, ପଲିଥିନ୍‌କୁ କାନ୍ଥ କରି ରହୁଛନ୍ତି । ଚରଣ ମଧ୍ୟ ଆଜକୁ ତିନି ବର୍ଷ ହେବ ଏହି ଝାଟିମାଟିରେ ତିଆରି କାନ୍ଥ ପାଂଚ ଜଣ ପରିବାରକୁ ନେଇ ଏଭଳି ଦୁର୍ଦ୍ଦିନରେ ରହୁଛି ।



ଲୋକ ସେବକ ମଣ୍ଡଳର ଓଡିଶା ଶାଖା ଅଧ୍ୟକ୍ଷ ଏବଂ ସମାଜ ର ମୁଦ୍ରାକାର ଓ ପ୍ରକାଶକ ନିରଞ୍ଜନ ରଥ ଙ୍କୁ ଶୋଭନୀୟ ଆନ୍ଦୋଳନ ର ନିର୍ଦ୍ଦେଶିକା ଡ଼ଃ ଅରୁନ୍ଧତୀ ଦେବୀ ଏବଂ ୱାର୍ଲଡ ଓଡିଶା ସୋସାଇଟି ର ସାଂସ୍କୃତିକ ସାଧାରଣ ସମ୍ପାଦକ କାବେରୀ ବେହେରା ସମ୍ମାନାସ୍ପଦ ବିଳାଶୁଣୀ ସମ୍ମାନ-୨୦୨୩ ପ୍ରଦାନ କରୁଛନ୍ତି ।

## ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଲା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତ୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ଗ୍ରାମ୍ୟ ରାସ୍ତା ଖୋଳାଯିବା ନେଇ ଥାନାରେ ଅଭିଯୋଗ

କେନ୍ଦୁଝର(ପିଏନ) : ଝୁମ୍ପୁରା ତହସିଲ ଅନ୍ତର୍ଗତ ବସନ୍ତପୁର ପ□ାୟତର ନଇବୁଗା ପଂଚାୟତ ରାସ୍ତାକୁ କେତେକ ମୃଷ୍ଟିମେୟ ଲୋକ ଜେସିବି ମେସିନ ଦ୍ୱାରା ରାସ୍ତା କାଟି ଦେବା ଘଟଣାକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି। ଏହି ଘଟଣାକୁ ନେଇ ଚମ୍ପୁଆ ଉପଜିଲ୍ଲାପାଳ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ କରି ରାସ୍ତା କାଟିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏହି ବେଆଇନ କାମ ପ୍ରତିବାଦରେ ସ୍ଥାନୀୟ ବସନ୍ତପୁର ସରପ□ ଲିପାରାଣୀ ନାୟକ ବାମେବାରୀ ଥାନାରେ ଲିଖିତ ଏତଲା ଦେଇଥିଲେ ହେଁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଅସନ୍ତୋଷ ବଢୁଛି। ପ୍ରକାଶ ଯେ, ଉକ୍ତ ଗ୍ରାମ୍ୟ ରାସ୍ତା ୧୯୬୫ ମସିହାରୁ ଓଏମ୍‌ସି ଖଣି ପରିବହନ ପାଇଁ ବ୍ୟବହାର କରାଯାଇ ଆସୁଥିଲା। ସେହି ରାସ୍ତାରେ ଗ୍ରାମବାସୀ ମଧ୍ୟ ଯାତାୟତ କରୁଥିଲେ। ତେବେ ଦୀର୍ଘ ପ୍ରାୟ ୧୦୦ ବର୍ଷ ପରେ ୨ଜଣ ଆଦିବାସୀ ରାଇମଣୀ ଚମ୍ପିଆ ଓ ଜୟରାମ ମୁଣ୍ଡା ଚମ୍ପୁଆ ଉପଜିଲ୍ଲାପାଳଙ୍କ କୋର୍ଟରେ ତାଙ୍କ ଜମି ଉପରେ ମେସର୍ସ ତାରିଣୀ ପ୍ରସାଦ ମହାନ୍ତି ଜବର ଦଖଲ କରି ରାସ୍ତା ନିର୍ମାଣ କରି ଖଣି ପରିବହନ କରୁଥିବା ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଏହି ରାସ୍ତା ଉପରେ ଉପଜିଲ୍ଲାପାଳ ଜମି ଚିହ୍ନଟ ପାଇଁ ପାଇଁ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ ଦେଇଥିଲେ। ୨୧ ତାରିଖ ଦିନ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା। ଜମି ମାପଚୁପ ବେଳେ ଝୁମ୍ପୁରା ଅତିରିକ୍ତ ତହସିଲଦାର କ୍ରେସନସିୟା ତିର୍କି କହିଥିଲେ ଉପଜିଲ୍ଲାପାଳଙ୍କ ଫାଇନାଲ ଅର୍ଡର ହେବା ପର୍ଯ୍ୟନ୍ତ ଜମି ଯେପରି ଅଛି ସେପରି ରହିବ ଏବଂ ଯେପରି ବ୍ୟବହାର ହେଉଛି ସେପରି ବ୍ୟବହାର ହେବ। କିନ୍ତୁ ତାଙ୍କ ଆଦେଶକୁ ଅବମାନନା କରି କେତେକ ମୃଷ୍ଟିମେୟ ଲୋକ ରାସ୍ତା କାଟି ଦେବା ଫଳରେ ବିବାଦୀୟ ପରିସ୍ଥିତି ଦେଖାଦେଇଛି। ଜେସିବି ମେସିନ ସହାୟତାରେ ରାସ୍ତାକୁ କାଟି ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ କରିବା ଫଳରେ ଗାଁ ଅଶାନ୍ତ ହୋଇପଡିଛି। ଏହି ରାସ୍ତା ଉପରେ ଚୁଡିସାହି, ମୁଣ୍ଡାସାହି, ସାକ୍ରାଡିହି, ନଇବୁଗା ଆଦି ୧୦ଟି ସାହି ବିଚ୍ଛିନ୍ନ ହୋଇଯିବା ଫଳରେ ପାଣି,ଆମ୍ବୁଲାନ୍ସ,ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ବାଧାପ୍ରାପ୍ତ ହୋଇଥିଲା। ଏହି ବେଆଇନ ରାସ୍ତା ଖୋଳା ନେଇ ସ୍ଥାନୀୟ ସରପ□ ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବାମେବାରୀ ପୋଲିସ ପକ୍ଷରୁ ତତ୍ପରତା ପ୍ରଦର୍ଶନ କରୁନଥିବାରୁ ଉକ୍ତ ଅ□ଳ ଅଶାନ୍ତ ହୋଇପଡିଛି। ଗତକାଲି ରାସ୍ତାର ସ୍ଥିତାବସ୍ଥା ଫେରାଇ ଆଣିବାକୁ ଝୁମ୍ପୁରା ତହସିଲଦାର ପ୍ରତିମା ପୃଷ୍ଟି ଏବଂ ଏସ୍‌ଡିପିଓ ବଡବିଲ ହିମାଂଶୁ ବେହେରାଙ୍କ ଉପସ୍ଥିତିରେ ଉଦ୍ୟମ କରିଥିଲେ ହେଁ କିଛି ଅସାମାଜିକ ଲୋକ ଗଣ୍ଡଗୋଳ କରି କାମ କରାଇ ଦେଇନଥିଲେ। ପୋଲିସ ନୀରବଦ୍ରଷ୍ଟା ସାଜି ଚୁପ ବସିଥିବାବେଳେ ଅସାମାଜିକ ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ନେଇନଥିଲା। ଏନେଇ ଉପଜିଲ୍ଲାପାଳ ଚମ୍ପୁଆ ପ୍ରତାପ ପ୍ରିତିମୟଙ୍କ ସହ ଯୋଗାଯୋଗ କରିବାରୁ ରାସ୍ତାର ମାପଚୁପ ପାଇଁ କୁହାଯାଇଥିଲା। ଯେଉଁମାନେ ରାସ୍ତା କାଟିଛନ୍ତି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ କୁହାଯାଇଛି। ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସ□େ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଗତକାଲି ରାତିରେ କିଛି ଲୋକ ଉକ୍ତ ରାସ୍ତାକୁ ପୁଣି ଥରେ ହାଣି ଦେଇଥିବାରୁ ଯାତାୟତ ବ୍ୟାଘାତ ହୋଇଛି। ସରପ□ଙ୍କ ଅଭିଯୋଗ ଅନୁଯାୟୀ ବ୍ରହ୍ମେଶ୍ୱର ମହାକୁଡ,ସୁବାସ ମହାକୁଡ,ମଦନ ମୋହନ ବେହେରା, ସୁବ୍ରତ ପଲେଇଙ୍କ ସମେତ ଅନ୍ୟମାନେ ତାଙ୍କୁ ଜାତିଆଣ ଗାଳିଗୁଲଜ କରିବା ସହ ୨ଟି ଜେସିବି ମେସିନ ସାହାଯ୍ୟରେ ରାସ୍ତା କାଟିଥିବା ନେଇ ଅଭିଯୋଗ କରିଛନ୍ତି। ଦୁଇ ଦୁଇ ଥା ରାସ୍ତା କାଟିବା ପରେ ଅଭିଯୋଗ ପରେ ପୋଲିସ କାର୍ଯ୍ୟନୁଷ୍ଠାନ ନେଉନଥିବାରୁ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। କିଛି ଖଳ ପ୍ରକୃତିର ଲୋକ ପରିବହନ କାର୍ଯ୍ୟ ହାତେଇବା ପାଇଁ ଆଦିବାସୀଙ୍କୁ ଢାଲ କରି ବାରମ୍ବାର ଗଣ୍ଡଗୋଳ କରୁଥିବା ଟିପି ମହାନ୍ତି ଖଣିର ପରିଚାଳକ ଇଂ ଚନ୍ଦ୍ରଶେଖର ଜେନା ପ୍ରକାଶ କରିଛନ୍ତି। ଆଦିବାସୀଙ୍କ ଜମି ଟିପି ମହାନ୍ତି ଖଣି ଜବର ଦଖଲ କରିନାହିଁ। ଏହି ରାସ୍ତା ବହୁ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଛନ୍ତି। ଗ୍ରାମ୍ୟ ରାସ୍ତା ଦୀର୍ଘ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଥିବାବେଳେ ଅଭିଯୋଗ ପରେ ସୁପରଭାଇଜର ଭୁବନାନନ୍ଦ ନାୟକ,ମଲଦା ରାଜସ୍ୱ ନୀରିକ୍ଷକ ସୋନାଲୀ ସେଠୀ ଏବଂ ଅମିନ ସୁରେଶ ନାୟକ ଠିକ୍ ଭାବରେ ମାପଚୁପ ନକରି ନଥିବା ସ୍ଥାନୀୟ ସରପ□ ଅଭିଯୋଗ କରିଛନ୍ତି। ମାପଚୁପ କରୁଥିବା କର୍ମଚାରୀ ପ୍ରଭାବିତ ହୋଇ ଚିହ୍ନଟ କରିଥିବା ସେ ଅଭିଯୋଗ କରିବା ସହ ଚମ୍ପୁଆ ଉପଜିଲ୍ଲାପାଳ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଅନ୍ୟ ସର୍କଲରୁ କର୍ମଚାରୀ ଆଣି ମାପଚୁପ କରିବାକୁ ସେ ଦାବୀ କରିଛନ୍ତି। ଏଥିସହ ଏହି ଅ□ଳରେ ଦୀର୍ଘ ଦିନ ଧରି ଅରାଜକତା କରୁଥିବା ଲୋକଙ୍କୁ ଗିରଫ କରି ଶାନ୍ତି ଫେରାଇ ଆଣିବାକୁ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଦାବୀ କରିଛନ୍ତି।

MAHARISHI PUBLIC SCHOOL

2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ସାଧାରଣ ଲୋକଙ୍କ ଖବରକାଗଜ
ଖେଳ
ପର୍ଯ୍ୟବେକ୍ଷକ 25
PARYABEKHYAK
Bhubaneswar Sunday January 07, 2024 ଭୁବନେଶ୍ୱର ରବିବାର, ଜାନୁଆରୀ ୦୭,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ବ୍ରେନ ଟ୍ୟୁମର ପୀଡିତଙ୍କ ପରିବାର ବର୍ଗଙ୍କୁ ଭେଟି ଚିକିତ୍ସା ପରାମର୍ଶ ଓ ୫ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କଲେ ବିଜେପି ନେତା ଜୟନ୍ତ କୁମାର ବେହେରା



କୋଣାର୍କ,(ପି.ଏନ):କୋଣାର୍କ ଥାନା ଅଧିନସ୍ଥ ସିମିଳି ଗ୍ରାମପଞ୍ଚାୟତର ନୂଆଗାଁ ସାମିଲ କଦଳୀବାରୀ ଗ୍ରାମର ବ୍ରେନ ଟ୍ୟୁମର ପୀଡିତ ଚନ୍ଦନ ବେହେରାଙ୍କ ପରିବାର ବର୍ଗଙ୍କୁ ଭେଟି କାକଟପୁର ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଜେପି ନେତା ତଥା ଅବସରପ୍ରାପ୍ତ ଚକ୍ଷୁ ଚିକିତ୍ସା ସହାୟକ ଜୟନ୍ତ କୁମାର ବେହେରା ରୋଗକୁ ଚିକିତ୍ସା ପରାମର୍ଶ ଦେବା ସହିତ ଉନ୍ନତ ଚିକିତ୍ସା ସେବା ନିମନ୍ତେ ୫ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଖବରରୁ ପ୍ରକାଶ ଯେ ସିମିଳି ଗ୍ରାମପଞ୍ଚାୟତର ନୂଆଗାଁ ସାମିଲ କଦଳୀବାରୀ ଗ୍ରାମର ସ୍ୱର୍ଣ୍ଣ ଲତା ବେହେରାଙ୍କ ପୁଅ ଚନ୍ଦନ କୁମାର ବେହେରା ଦୀର୍ଘ ଦିନ ଧରି ବ୍ରେନ ଟ୍ୟୁମର ରୋଗରେ ପୀଡିତ ହୋଇ ଅର୍ଥ ଅଭାବରୁ ଚିକିତ୍ସା ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହି ଘଟଣା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ମାନ ପ୍ରକାଶ ପାଇବା ପରେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ରେଡକ୍ରସ ପାଣ୍ଠିରୁ ବ୍ରେନ ଟ୍ୟୁମର ପୀଡିତ ଚନ୍ଦନଙ୍କ ପରିବାର ସଦସ୍ୟଙ୍କୁ ୨୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ ଯାହାକୁ କି ସମୁଦ୍ରକୁ ଶଙ୍ଖ ? ସଦୃଶ ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି। ଭାରତ ବର୍ଷର ଯଶସ୍ୱି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୀତି, ଆଦର୍ଶ ଓ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ବିଜେପି ନେତା ଶ୍ରୀ ବେହେରା ଉକ୍ତ ଗ୍ରାମର ଘରକୁ ଘର ବୁଲି ସଚେତନତା ସୃଷ୍ଟି କରିବା ସହ ସଫଳ କାର୍ଯ୍ୟକାରିତା ସମ୍ବନ୍ଧରେ ଉକ୍ତ ଗ୍ରାମରେ ବୁଲି ବୁଝାଉଥିବା ବେଳେ ତାଙ୍କ ନଜରରେ ପଡିଥିଲେ ବ୍ରେନ ଟ୍ୟୁମର ପୀଡିତ ଚନ୍ଦନଙ୍କ ପରିବାର। ଅର୍ଥ ଅଭାବରୁ ଚିକିତ୍ସା ହୋଇ ପାରୁ ନ ଥିବା ବ୍ରେନ ଟ୍ୟୁମର ପୀଡିତ ଚନ୍ଦନଙ୍କ ମାଆ ସ୍ୱର୍ଣ୍ଣ ଲତା ବେହେରା ବିଜେପି ନେତା ଜୟନ୍ତ ବେହେରାଙ୍କୁ ଅବଗତ କରାଇଥିଲେ। ଏହି ସମ୍ବେଦନଶୀଳ ଘଟଣା ଉପରେ ଗୁରୁତ୍ୱାରୋପ କରି ଶୁକ୍ରବାର ଅପରାହ୍ନରେ କାକଟପୁର ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଜେପି ନେତା ତଥା ଅବସରପ୍ରାପ୍ତ ଚକ୍ଷୁ ଚିକିତ୍ସା ସହାୟକ ଜୟନ୍ତ କୁମାର ବେହେରାଙ୍କ ସହିତ ବନାଖଣ୍ଡି ଗ୍ରାମପଞ୍ଚାୟତର ବିଜେପି ସଭାପତି ବିଜୟ କୁମାର ସ୍ୱାଇଁ ବ୍ରେନ ଟ୍ୟୁମର ପୀଡିତ ଚନ୍ଦନଙ୍କ ପରିବାର ସଦସ୍ୟଙ୍କୁ ଭେଟି ରୋଗ ସମ୍ବନ୍ଧରେ ପରାମର୍ଶ ଦେବା ସହ ସଫଳ ଚିକିତ୍ସା ପାଇଁ ୫ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଠାରେ ସୂଚନା ଥାଉକି ବିଜେପି ନେତା ଶ୍ରୀ ବେହେରା ଜଣେ ପରୋପକାରୀ, ଦରଦୀ ମଣିଷର ସୁଖ ଦୁଃଖରେ ରହି ଦୀର୍ଘ ଦିନ ଧରି ସମାଜସେବା କ୍ଷେତ୍ରରେ କାର୍ଯ୍ୟ ସଂପାଦନ କରି ଆସୁଛନ୍ତି। ଏହି ବଦାନ୍ୟତା ପାଇଁ କାକଟପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ମହଲରେ ଶ୍ରୀ ବେହେରାଙ୍କ କାର୍ଯ୍ୟଧାରାକୁ ପାଇଁ ନିର୍ବାଚନ ମଣ୍ଡଳୀର ବିଜେପି କର୍ମୀ, ବୁଦ୍ଧିଜୀବୀ ଓ ଭୋଟର ମାନଙ୍କ ପକ୍ଷରୁ ଭୂୟସୀ ପ୍ରଶଂସା କରାଯାଇଛି।

# ଧର୍ମଶାଳାରେ ବିଜେପିର ମହାମିଶ୍ରଣ ପର୍ବ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବିଜେପିର ମହାମିଶ୍ରଣ ପର୍ବ କୁମାରୀସ୍ଥିତ ପାର୍ଟି କାର୍ଯ୍ୟାଳୟରେ ଆଜି ଅନୁଷ୍ଠିତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭିମୁଖୀ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଏବଂ ବିଜେପି ନେତା ହିମାଂଶୁ ଶେଖର ସାହୁ(ଲିକୁ)ଙ୍କ ନେତୃତ୍ୱକୁ ସମର୍ଥନ ଜଣାଇ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ରାହାମ୍ବା ପଂଚାୟତ, ସିଂହାପୁର, ବାରବାଟି, ପାଟପୁର, ମର୍ଜିତାପୁର, ଅଭୟପୁର, ମହିସରା, କୁମାରୀ, ଉତରପ୍ରତାପ, ଗଡ଼ମଧୁପୁର, ଦେଓଦା, କୋତପୁର, ଅିରା, ରାଇଛନ୍ଦା ଓ ତରିଆ ଆଦି ପଂଚାୟତର ୭ ଶହରୁ ଅଧିକ ଅନ୍ୟ ଦଳର ନେତା ଓ କର୍ମୀ ବିଜେପିରେ ଯୋଗ ଦେଇଥିଲେ । ନବାଗତମାନଙ୍କୁ ବିଜେପି ନେତା ଶ୍ରୀ ସାହୁଙ୍କ ସମେତ ଅନ୍ୟମାନେ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ । ବିଜେପି କାର୍ଯ୍ୟକର୍ତା ଚନ୍ଦ୍ରମଣି ପଣ୍ଡିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେପି ନେତା ହିମାଂଶୁ ଶେଖର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି ଓ ବିଜେପି ନେତା ସର୍ବେଶ୍ୱର ବେହୁରା ଯୋଗଦେଇ କହିଥିଲେ ଯେ, ବର୍ତମାନ ଧର୍ମଶାଳା ବିଜେପି ନୂଆ ସେନାପତି ପାଇଛି ।

# ମେଲାଣି ନେଲେ ଲକ୍ଷ୍ମୀନାରାୟଣ

ଧର୍ମଶାଳା, (ପିଏନ୍): ଗତମାସ ୧୬ ତାରିଖଠାରୁ ଆରମ୍ଭ ହୋଇଥିବା ଜାରକାର ପ୍ରସିଦ୍ଧ ଲକ୍ଷ୍ମୀନାରାୟଣ(ଗଜ ଉଦ୍ଧାରଣ) ପୂଜା ଆଜି ଶେଷ ହୋଇଛି । ଆଡ଼ମ୍ବରପୂର୍ଣ୍ଣ ଭାବେ ରାତିରେ ଭସାଣ ଯାତ୍ରା ସଂପନ୍ନ ହୋଇଛି । ଧନୁ ସଂକ୍ରାିଠାରୁ ୨୧ଦିନ ଧରି ପୂଜା ପାଉଥିବା ଲକ୍ଷ୍ମୀନାରାୟଣଙ୍କ ମେଢ଼ ସମେତ ପାର୍ଶ୍ୱ ଦେବାଦେବୀଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ନିକଟସ୍ଥ ବ୍ରାହ୍ମଣୀ ନଦୀରେ ମେଲାଣି ଦିଆଯାଇଛି । ଗତ ୧୮ତାରିଖରେ ଘଟ ବିସର୍ଜନ ହୋଇଥିଲେ ମଧ୍ୟ ଧର୍ମଶାଳା ମହୋତ୍ସବ ପାଇଁ ଠାକୁର ମଣ୍ଡପରେ ପୂଜାପାଇ ଆସୁଥିଲେ। ଠାକୁରମାନଙ୍କ ଯଥାବିଧି ପୂଜାର୍ଚ୍ଚନା, ହୋମ, ଆଳତି, ପୁଷ୍ପାଳି, ଭୋଗଲାଗି ଆଦି ନୀତିକାି ସଂପନ୍ନ ହେବାପରେ ଭସାଣଯାତ୍ରା ଆରମ୍ଭ ହୋଇଥିଲା । ବାଜା, ବାଣ ଓ ରୋଷଣୀରେ ଠାକୁରମାନଙ୍କୁ ୩ଟି ଗାଡ଼ିରେ ନିଆଯାଇ ଜାରକା, ଶାିବଜାର ଓ ଧର୍ମଶାଳା ବଜାର ପରିକ୍ରମା କରାଯାଇଥିଲା । ପରେ ବ୍ରାହ୍ମଣୀରେ ମୂର୍ତି ବିସର୍ଜନ କରାଯାଇଥିଲା । ଆୟୋଜକ ଧର୍ମଶାଳା ମହୋତ୍ସବ ପୂଜା କମିଟିର ସଭାପତି ଜଳଧର ମହାି, ଉପସଭାପତି ଇନ୍ଦ୍ରମଣି ନାୟକ, ସଂପାଦକ ସତ୍ୟପ୍ରିୟ ମହାି, ସହସଂପାଦକ ଆନନ୍ଦ ବିହାରୀ ନାୟକ, କୋଷାଧ୍ୟକ୍ଷ ସୁଦୀପ୍ତ କୁମାର ସ୍ୱାଇଁ, ବରିଷ୍ଠ ସଦସ୍ୟ ରାଜକୁମାର ଶତପଥୀ, ରାମଚନ୍ଦ୍ର ମଲ୍ଲିକ, କିଶୋର ନାୟକ, ଅନିରୁଦ୍ଧ ରାଉତ, ସବ୍ୟସାଚୀ ବେହେରା, ପୂର୍ଣ୍ଣଚନ୍ଦ୍ର ଶତପଥୀ, ସୁଦାମ ଚରଣ ବେହେରା, ବିଚିତ୍ର କୁମାର ସ୍ୱାଇଁ, ଅଜୟ କୁମାର ନାୟକ, କ୍ଷୀରୋଦ ଚନ୍ଦ୍ର ମୁଦୁଲି, କାଶିନାଥ ସାହୁ, ମଦନ ମୋହନ ନାୟକ, ନିର୍ମଳ ପ୍ରଧାନ, ଆକୁଳି ସ୍ୱାଇଁ, ରବିନାରାୟଣ ସାହୁ, ପ୍ରତାପ କୁମାର ପ୍ରଧାନ, ମନୋଜ ଦାସ, ମାନସ ମହାି, ସବ୍ୟସାଚୀ ସୁନ୍ଦରାୟ, ଧରଣୀ ମହାି, ଗଙ୍ଗାଧର ମହାରଣା, ରବୀନ୍ଦ୍ର ମହାି, ଧନେଶ୍ୱର ସାହୁ, ପ୍ରମୋଦ ଜେନା, ପ୍ରଫୁଲ୍ଲ କୁମାର ସାହାଣି, ଅନ‘ ଚରଣ ପ୍ରଧାନ, ହାଡ଼ିବନ୍ଧୁ ନାୟକଙ୍କ ସମେତ ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ। ଧର୍ମଶାଳା ଓ ଜାରକା ବିଟ୍ ହାଉସ୍ ପୁଲିସ୍ ଶାିଶୃଙ୍ଖଳା ରକ୍ଷା କରିଥିଲେ ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଅର୍ପଣ ରଥ ଶୁଭାରମ୍ଭ

ପାରାଦୀପ,(ପି.ଏନ): ଆସନ୍ତା ୧୭ ତାରିଖ ଦିନ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ସମାରୋହ ଅନୁଷ୍ଠିତ ହେବାକୁ ଯାଉଛି । ଓଡିଶାର କୋଟି କୋଟି ଭକ୍ତମାନଙ୍କ ନିକଟରେ ଅର୍ପଣ ରଥ ମାଧ୍ୟମରେ ମହାପ୍ରଭୂଙ୍କ ମହିମା ପହଂଚାଇବା ପାଇଁ ଘୋଷଣା କରିଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହିକ୍ରମରେ ଶନିବାର ଅପରାହ୍ନରେ ପାରାଦୀପ ମଧୁବନସ୍ଥିତ ଜଗନ୍ନାଥ ମନ୍ଦିର ନିକଟରୁ ଅର୍ପଣ ରଥର ଶୁଭାରମ୍ଭ କରିଛି ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳ । ପାରାଦୀପ ସହରର ସମସ୍ତ ଘରକୁ ଯାଇ ମହାପ୍ରଭୂଙ୍କ ନିମେ‘ ଅରୁଆ ଚାଉଳ ଓ ଗୁଆ ଗ୍ରହଣ କରାଯିବା ସହିତ ଜଗନ୍ନାଥଙ୍କ ମହିମା ପ୍ରଚାର ଓ ପ୍ରସାର କରାଯିବା ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କରିଥିଲେ ତାହା ପାଳନ କରାଯିବ ବୋଲି ନଗରପାଳ ଶ୍ରୀ ବିଶ୍ୱାଳ କହିଛନ୍ତି। ସଂକୀ□ନ ମଣ୍ଡଳୀଙ୍କ ହରିବୋଲ ଓ ମହିଳାମାନଙ୍କ ହୁଳହୁଳି ମଧ୍ୟରେ ଅର୍ପଣ ରଥ ଏହାର ଯାତ୍ରା ଆରମ୍ଭ କରିଥିଲା। ଆସନ୍ତା ୧୭ ତାରିଖ ପୂର୍ବରୁ ଏହି ଅର୍ପଣ ରଥ ସମଗ୍ର ପାରାଦୀପ ଅଂଚଳ ବୁଲିବ । ଏହି କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହା, ପୌର ଉପାଧ୍ୟକ୍ଷା ଛବିଳତା ରାଉତ, ସ୍ଥାନୀୟ ପାରିଷଦ ଶୁକ୍ରମଣି ନାଗଙ୍କ ସମେତ ବହୁ ଜଗନ୍ନାଥ ପ୍ରେମୀ ଭକ୍ତ ଉପସ୍ଥିତ ଥିଲେ।

# ମୋନାଲିସା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଓ ପୁସ୍ତକ ଲୋକାର୍ପଣ

ପାରାଦୀପ,(ପି.ଏନ):ପାରାଦୀପ ଅଂଚଳର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମୋନାଲିସା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଓ ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମ ଶନିବାର ଅପରାହ୍ନରେ ପୌରପାଳିକା ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ପାରାଦୀପ ନଗରପାଳ ବସ‘ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଉତ୍ସବରେ ଯୋଗ ଦେଇ ସଂସଦର ମୁଖପତ୍ର ମୋନାଲିସାକୁ ଉନ୍ମୋଚନ କରିଥିଲେ। ବରିଷ୍ଠ ସାହିତ୍ୟିକ ପିତାମ୍ବର ତରାଇ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କବିତା ସବୁବେଳେ କାଳଜୟୀ, ଭାଷା ଓ ସଂସ୍କୃତିର ରକ୍ଷକ ଭାବେ କବିତା ସବୁବେଳେ ଅମର ବୋଲି ମତବ୍ୟକ୍ତ କରିଥିଲେ । ଉତ୍ସବରେ କବି ଅନ‘ କୁମାର ଦାସ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ କବିତା ପାଠୋତ୍ସବରେ ସ୍ଥାନୀୟ କବି ଓ ଲେଖକ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ । ଉତ୍ସବକୁ ପରିଚାଳନା କରିଥିଲେ ମୋନାଲିସା ସାହିତ୍ୟ ସଂସଦର ସମ୍ପାଦକ ସଂଘମିତ୍ରା ସ୍ୱାଇଁ । ଏହି ଉତ୍ସବରେ ପାରାଦୀପ ଅଂଚଳର ବହୁ ସାହିତ୍ୟାନୁରାଗୀ ଉପସ୍ଥିତ ଥିଲେ।

# ଆଇଟି ଦକ୍ଷତା ତାଲିମ ଶିବିର ଉଦଯାପିତ



କାକଟପୁର ,(ପି.ଏନ):କାକଟପୁର ସ୍ଥିତ ମା ମଙ୍ଗଳା ଆଇ.ଟି.ସି ରେ ମିଶନ ଶକ୍ତି ଓ ଓକେସିଏଲ ଦ୍ୱାରା କାକଟପୁର ଓ ଅସ୍ତରଙ୍ଗ ବ୍ଲକର ସମସ୍ତ ଏମ ବି କେ ମାନଙ୍କୁ ନେଇ ଦୀର୍ଘ ୨୦ ଦିନ ବ୍ୟାପି ଚାଲି ଆସୁଥିବା ଆଇଟି ଦକ୍ଷତା ତାଲିମ ଶିବିର ଉଦଯାପିତ ହୋଇଯାଇଛି । ସୂଚନା ଥାଉକି ମିଶନ ଶକ୍ତି ଦ୍ୱାରା ନିୟୋଜିତ ଏମବିକେ ମାନଙ୍କ ନିମନ୍ତେ ଉଦ୍ଧିଷ୍ଟ କମ୍ପ୍ୟୁଟର ଦକ୍ଷତା ବୃଦ୍ଧି ତଥା ବିକାଶ ଉଦ୍ଦେଶ୍ୟରେ ସମଗ୍ର କାକଟପୁର ଓ ଅସ୍ତରଙ୍ଗ ବ୍ଲକ ରେ ମା ମଙ୍ଗଳା ଆଇ . ଟି . ସି ରେ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଉଭୟ ଥିଓରି ଓ ପ୍ରାକଟିକାଲ କ୍ଲାସ ମାଧ୍ୟମରେ ଶିକ୍ଷାଦାନ କରାଯାଇଥିଲା । ଏହି ତାଲିମ୍ ନିମନ୍ତେ ଆବଶ୍ୟକ ଆର୍ଥିକ ସହୟତା ରାଜ୍ୟସରକାରଙ୍କ ତରଫରୁ ବ୍ୟବସ୍ଥା କରାଯାଇଥିଲା ବେଳେ ଏହାକୁ ଓକାକ ? ଓ ଓକେସିଏଲ ସଂସ୍ଥା ମାଧ୍ୟମରେ ରାଜ୍ୟ ମିଶନ ଶକ୍ତିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା । ଏହି ତାଲିମ୍ ର ମୂଳଲକ୍ଷ୍ୟ ଅଞ୍ଚଳରେ ଥିବା ସ୍ୱୟଂସହାୟକ ଗୋଷ୍ଠୀ ଗୁଡିକର ଆର୍ଥିକ ନେଣଦେଣ ଆଦି କାର୍ଯ୍ୟ କମ୍ପ୍ୟୁଟର ତଥା ମୋବାଇଲ ମାଧ୍ୟମରେ ଅତି ଶୀଘ୍ର ଓ ସହଜରେ ନିର୍ଭୁଲ ଭାବେ ଏମବିକେମାନେ କିପରି କରିପାରିବେ । ମା ମଙ୍ଗଳା ଆଇ . ଟି . ସି ଶିକ୍ଷାନୁଷ୍ଠାନ ରେ ତାଲିମ୍ ନେଇଥିବା କାକଟପୁର ଓ ଅସ୍ତରଙ୍ଗ ର ସମସ୍ତ ଏମବିକେ ଅତି ସହଜରେ କମ୍ପ୍ୟୁଟର ଶିକ୍ଷା ଗ୍ରହଣ କରିବା ସହ ନିଜର ଦକ୍ଷତା ହାସଲ କରିପାରିଛନ୍ତି ଏବଂ ଆଗାମୀ ଦିନରେ ଏହାକୁ ନିଜ କର୍ମ କ୍ଷେତ୍ରରେ ଠିକି ଭାବେ ବିନିଯୋଗ କରିପାରିବେ ବୋଲି ଅନୁଷ୍ଠାନ ର ଅଦକ୍ଷ ଅଶୋକ କୁମାର ବରାଳ କହିଛନ୍ତି ଉଦଯାପନି ଉତ୍ସବରେ କାକଟପୁର ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ତୁଷାର ଜ୍ୟୋତି ରଞ୍ଜନ ମହୋଦୟ , ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ପାର୍ଥ ସାରଥୀ ମହାନ୍ତି , ବ୍ଲକ ପ୍ରୋଗ୍ରାମ ସଂଚାଳକ ନୟନ କୁମାର ଜେନା , ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ କୈଳାସ ଚନ୍ଦ୍ର ବରାଳ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେବା ସହିତ ଅନୁଷ୍ଠାନର ଉପାଧ୍ୟକ୍ଷା ମଧୁସ୍ମିତା ବରାଳ ଓ ଅନ୍ୟାନ୍ୟ କର୍ମକର୍ତା ନିହାର ରଞ୍ଜନ କର , ବର୍ଷା ରାଣୀ ବିଶ୍ୱାଳ , ପ୍ରିୟଦର୍ଶିନୀ ମହାରଣା ଓ ସ୍ମିତା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ

# ସିନ୍ଧୁଜାର ବାର୍ଷିକୋତ୍ସବ ଓ ଆଲୋଚନାଚକ୍ର : ଚାରି ଜଣଙ୍କୁ ସିନ୍ଧୁଜା ସମ୍ମାନ, ସମ୍ବର୍ଦ୍ଧିତ ହେଲେ ୧୩ ଗାଳ୍ପିକ



ଭୁବନେଶ୍ୱର,(ପି.ଏନ): ମାସିକ ଫିଚରଧର୍ମୀ ମହିଳା ପତ୍ରିକା 'ସିନ୍ଧୁଜା'ର ଦ୍ୱାଦଶ ବାର୍ଷିକ ଉତ୍ସବ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ପାଳିତ ହୋଇଛି। ଏହି ଅବସରରେ ଜନଜାତି ସାହିତ୍ୟ ଉପରେ ଏକ ଜାତୀୟ ସ୍ତରୀୟ ଆଲୋଚନାଚକ୍ର 'ଜୀବନର ସୁଆଦ ଅଛି' ଅନୁଷ୍ଠିତ ହୋଇଯାଇଛି ।ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ କୁମାର ରାଉତରାଏ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ତଥା ସ୍ୱନାମଧନ୍ୟ ସାହିତ୍ୟିକ ନୃପରାଜ ସାହୁ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟରେ 'ସିନ୍ଧୁଜା'ର ମହିଳା ସମୃଦ୍ଧିର ପ୍ରୟାସକୁ ପ୍ରଶଂସା କରିଥିଲେ। ଏଥିରେ ଅଧକ୍ଷତା କରିଥିଲେ ବରିଷ୍ଠ ସାହିତ୍ୟିକା ତଥା ସିନ୍ଧୁଜାର ମୁଖ୍ୟ ଉପଦେଷ୍ଟା ଡ. ଅର୍ଚ୍ଚନା ନାୟକ। ସିନ୍ଧୁଜାର ସମ୍ପାଦିକା ଶର୍ମିଳା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି ଜନଜାତି ଭାଷା ଦଶନ୍ଧୀ ପାଳନ ଅବସରରେ ଆୟୋଜିତ 'ଜୀବନର ସୁଆଦ ଅଛି' ଶୀର୍ଷକ ଆଲୋଚନାଚକ୍ରରେ ଅବସରପ୍ରାପ୍ତ ପ୍ରଶାସକ ତଥା ଜନଜାତିଙ୍କ ଜୀବନ-ଜୀବିକା ଉପରେ ଗବେଷଣା କରୁଥିବା ସାହିତ୍ୟିକ ଜଗନ୍ନାଥ ମହାି, ଫକୀରମୋହନ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା-ସାହିତ୍ୟ ବିଭାଗ ପ୍ରଫେସର ଡ. ଦେବାଶୀଷ ପାତ୍ର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସା‘ାଳୀ ତଥା ଓଡ଼ିଆ ଭାଷା ବିଭାଗ ପ୍ରଫେସର ନାକୁ ହାଁସଦାଃ, ପିକକର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାି ପ୍ରମୁଖ ଆଲୋଚକ ଭାବେ ଯୋଗଦେଇ ଜନଜାତିଙ୍କ ଜୀବନ, ସଂସ୍କୃତି, ପରମ୍ପରା ଉପରେ ବହୁ ଗୁରୁତ୍ୱପୂର୍ଣ୍ଣ କଥା କହିଥିଲେ ।ଉତ୍ସବରେ ଡ. ମାଧବାନନ୍ଦ ବେହୁରାଙ୍କ ସଂପାଦିତ ତଥା ଜନଜାତିଙ୍କ ଜୀବନ ଓ ପରମ୍ପରାକୁ ନେଇ ଲିଖିତ ଗଳ୍ପଗୁଡ଼ିକୁ ନେଇ ପ୍ରସ୍ତୁତ ପୁସ୍ତକ 'ବନବାସୀ', ଓ ଡ. ପ୍ରଦୀପ କୁମାର ସ୍ୱାଇଁଙ୍କ ଲିଖିତ ପୁସ୍ତକ 'ସା‘ାଳୀ ଇତିହାସ' ଏବଂ ସିନ୍ଧୁଜା'ର ଜାନୁଆରୀ ସଂଖ୍ୟା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଏହି ଅବସରରେ ସିନ୍ଧୁଜା ପକ୍ଷରୁ 'ସିନ୍ଧୁଜା ସମ୍ମାନ-୨୦୨୪'ରେ ଲେଖିକା ବୈଜୟ‘1 ମିଶ୍ର, ଇଂ. ଧନୟ ପ୍ରଧାନ, ଲେଖକ ଡ. ଦ୍ୱିତୀ ଚନ୍ଦ୍ର ସାହୁ, ଓ ଉତ୍ତମ ଲୋକସଂପର୍କ ଅଧିକାରୀ ଭାବେ ସୁଶ୍ରୀ ଶୁଭଦର୍ଶିନୀ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି 'ବନବାସୀ' ପୁସ୍ତକରେ ସ୍ଥାନୀତ ଗଳ୍ପର ଲେଖକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ନୃପରାଜ ସାହୁ, ଡ. ଅଜୟ ସ୍ୱାଇଁ, ସୁରେଶ ଛୋଟରାୟ, ଭୀମ ପୃଷ୍ଟି, ଡ. ଦ୍ୱିତୀ ଚନ୍ଦ୍ର ସାହୁ, ଡ. ରନ ପ୍ରଧାନ, ଡ. ସୁଷମା ମିଶ୍ର, ଇଂ ଅଜୟ ମହାପାତ୍ର, ଶିବାଶିଷ ପାଢ଼ୀ, ଡ. ରିନା ରାଉତରାୟ, ସୁଜାତା ମହାପାତ୍ର, ସ୍ନେହଲତା ଦାସଲେଙ୍କା ଏବଂ 'ସା‘ାଳୀ ଇତିହାସ'ର ଲେଖକ ଡ. ପ୍ରଦୀପ କୁମାର ସ୍ୱାଇଁଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା ।ଅନୁଷ୍ଠିତ ଉତ୍ସବକୁ ସଂଯୋଜନା କରିଥିଲେ ଗଳ୍ପକା ସୁଜାତା ମହାପାତ୍ର, କବି ଅକ୍ଷୟ ସ୍ୱାଇଁ। ଡ. ଆଶୀଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅର୍ପିତା ମିଶ୍ର ଓ ଡ. ମାଧବାନନ୍ଦ ବେହୁରା।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray